ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ବୁଧବାର ୧୩ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 13 MARCH 2024

Vol.No. 35 ■ No.72 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ହରିୟାଣାରେ ସୈନୀ ସରକାର

ନୂଆଦିଲ୍ଲୀ, ୧୨/୩ : ହରିଆଣାର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନାୟବ ସିଂହ ସୈନି। ତାଙ୍କୁ ରାଜ୍ୟପାଳ ଭଣ୍ଡାରୁ ଦତ୍ତାତ୍ରେୟ ପଦ ଓ ଗୋପନୀୟତାର ଶପଥ ପଠା କରାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଉପସ୍ଥିତିରେ ନାୟବ ସିଂହ ଶପଥ ନେଇଛନ୍ତି। ତେବେ ମଞ୍ଚ ଉପରେ ଶପଥ ନେବା ପୂର୍ବରୁ ନାୟବ ପ୍ରଥମେ ଖଟ୍ଟରଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ଏହାପୂର୍ବରୁ ବିଜେପିର ରାଜ୍ୟ ସଭାପତି ନାୟବ ସଂହ ସୈନିଙ୍କୁ ସର୍ବସମ୍ମତି କ୍ରମେ ବିଧାୟକ ଦଳ ନେତା ଭାବେ ଚୟନ କରାଯାଇଥିଲା। ସୈନି ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ। ସେ ନିଜର ଘନିଷ୍ଠ ବିଧାୟକମାନଙ୍କୁ ସାଙ୍ଗରେ



ନେଇ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ କରିବାକୁ ଦାବି କରିଥିଲେ। ବର୍ତ୍ତମାନ ନାୟବ ସିଂହ ବିଧାୟକ ନାହାନ୍ତି। ସେ ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ଟିକେଟରେ ଜିତିଥିଲେ। ଓବିସି ସଂପ୍ରଦାୟରୁ ଆସିଥିବା ନାୟବଙ୍କୁ ଗତବର୍ଷ ହରିଆଣା ବିଜେପିର ମୁଖ୍ୟ କରାଯାଇଥିଲା। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ଖଟ୍ଟରଙ୍କ ଅତ୍ୟନ୍ତ ଘନିଷ୍ଠ। ସାଂଗଠନିକ ସ୍ତରରେ କାମ କରିବାର ଢେର ଅଭିଜ୍ଞତା ତାଙ୍କ ପାଖରେ ରହିଛି। ୧୯୯୬ରେ ତାଙ୍କୁ ପ୍ରଥମଥର ପାଇଁ ହରିଆଣାରେ ବିଜେପି ସାଂଗଠନିକ ଦାୟିତ୍ୱ ଦେଇଥିଲା। ଏହାପରେ ୨୦୦୨ରେ ଅମ୍ବାଲା ବିଜେପି ଯୁବ ମୋର୍ଚ୍ଚାର ଜିଲ୍ଲା ସାଧାରଣ ସମ୍ପାଦକ ହୋଇଥିଲେ ନାୟବ। ୨୦୦୫ରେ ଅମ୍ବାଲା ଯୁବ ବିଜେପି ମୋର୍ଚ୍ଚାର ଜିଲ୍ଲା ସଭାପତି ଭାବେ ତାଙ୍କୁ ଦାୟିତ୍ୱ ମିଳିଥିଲା। ଏଥିସହ ସେ ହରିଆଣା ବିଜେପି କିଷାନ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ହୋଇଥିଲେ। ୨୦୧୨ରେ ତାଙ୍କୁ ପଦୋନ୍ନତି ମିଳିଥିଲା। ସେ ଅମ୍ବାଲା ଜିଲ୍ଲା ସଭାପତି ହୋଇଥିଲେ। ୨୦୧୪ ବିଧାନସଭା ନିର୍ବାଚନ ବେଳେ ବିଜେପି ତାଙ୍କୁ ନାରାୟଣଗଡ଼ ଆସନରୁ ପ୍ରାର୍ଥୀ କରିଥିଲା। ନାୟବ ମଧ୍ୟ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ।

## ସୋନପୁର ପର୍ଯ୍ୟନ୍ତ ଚାଲିବ ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ୍

ଭୁବନେଶ୍ୱର, ୧୨/୩ (ନି.ପ୍ର): ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଏକ୍ସପ୍ରେସ୍ ଏଣିକି ସୋନପୁର ପର୍ଯ୍ୟନ୍ତ ଚଳପ୍ରଚଳ କରିବ । ବଲାଙ୍ଗୀର ପାଶ୍ୱର୍ରୁ ସୋନପୁର ପର୍ଯ୍ୟନ୍ତ ଟ୍ରେନ ଲାଇନ କାର୍ଯ୍ୟକ୍ଷମ ହେବା ଓ ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଏହି ଏକ୍ସପ୍ରେସ ଟ୍ରେନର ଚଳାଚଳକୁ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି । ଏହି ଟ୍ରେନ ମାର୍ଚ୍ଚ ୧୪ ତାରିଖରୁ ସୋନପୁରରୁ ଓ ୧୫ତାରିଖରୁ ଭୁବନେଶ୍ୱରରୁ ନିୟମିତ ଚଳାଚଳ କରିବ । ସୂଚନା ଅନୁସାରେ, ୧୨୮୯୩ ଭୁବନେଶ୍ୱର-ବଲାଙ୍ଗୀର-ସୋନପୁର ଏକ୍ସପ୍ରେସ୍ ବଲାଙ୍ଗୀରରେ ପହଂଚିବା ପରେ ଅପରାହ୍ନ ୧ଟା ୪୫ମିନିଟରେ ସୋନପୁର ଅଭିମୁଖେ ଯାତ୍ରା କରିବ । ଅପରାହ୍ନ ୩ଟା ୧୫ମିନିଟରେ ସୋନପୁରରେ ପହଂଚିବ । ଫେରିବା ମାର୍ଗରେ ୧୨୮୯୪ ସୋନପୁର-ଭୁବନେଶ୍ୱର ଏକ୍ସପ୍ରେସ୍ ସୋନପୁରରୁ ଅପରାହ୍ନ ୧ଟାରେ ଛାଡ଼ି ଅପରାହ୍ନ ୨ଟା ୨୫ମିନିଟରେ ବଲାଙ୍ଗୀର ଷ୍ଟେସନରେ ପହଂଚିବ । ଏହି ଟ୍ରେନ ଅପରାହ୍ନ ୨ଟା ୪୫ମିନିଟରେ ବଲାଙ୍ଗୀର ଷ୍ଟେସନରୁ ବାହାରି ରାତ୍ରି ୯ଟା ୪୫ମିନିଟରେ ଭୁବନେଶ୍ୱରରେ ପହଂଚିବ । ୧୨୮୯୩/୧୨୮୯୪ ଭୁବନେଶ୍ୱରେ-ୋନପୁର-ଭୁବନେଶ୍ୱର ଏକ୍ସପ୍ରେସର ଷ୍ଟେସନ ରହଣୀ ସମୟ ଉଭୟ ପାଶ୍ୱର୍ରୁ ଭୁବନେଶ୍ୱର ଓ ବଲାଙ୍ଗୀର ମଧ୍ୟରେ ଅପରିବର୍ତ୍ତିତ ରହିବ ।

## ପଞ୍ଚାୟତିରାଜ ପ୍ରତିନିଧିଙ୍କ ପାରିତୋଷିକ ବଢ଼ିଲା: ସରପଞ୍ଚ ପାଇବେ ୧୦ ହଜାର

ଭୁବନେଶ୍ୱର, ୧୨/୩ (ନି.ପ୍ର): ରାଜ୍ୟ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ଦୀର୍ଘ ଦିନର ଦାବି ପୂରଣ ହେଲା। ସେମାନଙ୍କୁ ବି ଖୁସି କରାଇଛନ୍ତି ରାଜ୍ୟ ସରକାର। ଶେଷରେ ସେମାନଙ୍କ ପାରିତୋଷିକ ଓ ଭତ୍ତା ବଢ଼ିଲା । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ନୂତନ ବିଜ୍ଞପ୍ତି ଅନୁଯାୟୀ, ଜିଲ୍ଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ସଭ୍ୟ ଓ ସରପଞ୍ଚଙ୍କ ଭତ୍ତା ବୃଦ୍ଧି ହୋଇଛି । ଜିଲ୍ଲା ପରିଷଦ ସଭାପତି ଏଣିକି ମାସକୁ ପାଇବେ ୩୦ ହଜାର ଟଙ୍କା । ସେହିପରି ଜିଲ୍ଲା ପରିଷଦ ଉପସଭାପତି ମାସିକ ୨୦ ହଜାର ଟଙ୍କା, ଜିଲ୍ଲା ପରିଷଦ ସଭ୍ୟଙ୍କ ମାସିକ ପାରିତୋଷିକ ୧୦ ହଜାର ଟଙ୍କା ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷମାନେ ମାସକୁ ପାଇବେ ୧୫ ହଜାର ଏବଂ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଓ ସମିତି ସଭ୍ୟ ପାଇବେ ୭ ହଜାର ୫୦୦ ଟଙ୍କା । ଆଗରୁ ସରପଞ୍ଚ ୨ ହଜାର ୩୫୦ ଟଙ୍କା ପାଉଥିବା ବେଳେ ଏବେ ପାଇବେ ମାସିକ ୧୦ ହଜାର ଟଙ୍କା । ସେହିପରି ନାଏବ ସରପଞ୍ଚ ପୂର୍ବରୁ ୯୪୦ ଟଙ୍କା ପାଉଥିବା ବେଳେ ଏଣିକି ପାଇବେ ୪ ହଜାର ଟଙ୍କା । ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିରେ ବେଶ୍ ଖୁସି ହୋଇପଡ଼ିଛି ରାଜ୍ୟ ସରପଞ୍ଚ ମହାସଂଘ ସଭାପତି। ଏନେଇ ସେ କହିଛନ୍ତି ରାଜ୍ୟ ସରପଞ୍ଚ ମହାସଂଘ ୧୫ ଦଫା ଦାବି ନେଇ ବହୁ ଦିନ ହେବ ଆନ୍ଦୋଳନ ଚଳାଇ ଆସିଥିଲା।

## ଶ୍ରୀମନ୍ଦିର ସେବାୟତଙ୍କ ସ୍ୱାସ୍ଥ୍ୟ ବୀମା ରାଶି ପରିମାଣ ବଢ଼ିଲା

ପୁରୀ, ୧୨/୩ (ନି.ପ୍ର): ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ସେବାୟତମାନଙ୍କ କଲ୍ୟାଣ ପାଇଁ ଆଜି ବିଭିନ୍ନ ଯୋଜନା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିରେ ବିଭିନ୍ନ ଭତ୍ତାର ପରିମାଣ ଓ ସ୍ୱାସ୍ଥ୍ୟ ବୀମା ରାଶିରେ ବୃଦ୍ଧି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଶ୍ରୀ ଜଗନ୍ନାଥ ମନ୍ଦିରର ସେବାୟତ ଓ ସେମାନଙ୍କ ପରିବାର ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପୂର୍ବରୁ ଦିଆଯାଉଥିବା ବୀମା ରାଶି



ପରିମାଣକୁ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଗୁରୁତର ରୋଗର ଚିକିତ୍ସା ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ସହାୟତା ଦିଆଯିବ। ସେହିଭଳି ସେବାୟତ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରବେଶିକା ସେବାୟତମାନଙ୍କୁ ଦିଆଯାଉଥିବା ବିଭିନ୍ନ ବର୍ଦ୍ଧିତ ଭତ୍ତା, ସ୍ୱାସ୍ଥ୍ୟ ବୀମା ରାଶି, କୋଚିଂ ସହାୟତା ଓ ଅନ୍ୟାନ୍ୟ ସହାୟତା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ରାଜ୍ୟ ସରକାର ୧୦.୮୫ କୋଟି ଯୋଗାଇ ଦେଇଛନ୍ତି।

## କନିଷ୍ଠ ଶିକ୍ଷକ ଚୟନ ଅନିୟମିତତା ମାମଲା: ଓସେପାର ମେରିଟ୍ ଲିଷ୍ଟ ଖାରଜ



କଟକ, ୧୧/୩ (ନି.ପ୍ର): କନିଷ୍ଠ ଶିକ୍ଷକ ଚୟନ ଅନିୟମିତତା ମାମଲାରେ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି ହାଇକୋର୍ଟ। ଓସେପାର ମେରିଟ୍ ଲିଷ୍ଟ ସହ ଜିଲ୍ଲାୱାରୀ ମେରିଟ୍ ଲିଷ୍ଟ ବି ଖାରଜ କଲେ ହାଇକୋର୍ଟ । ଏଥିସହ ନିଯୁକ୍ତି ସର୍ତ୍ତାବଳୀ ଅନୁଯାୟୀ ସାନି ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଓସେପା ପକ୍ଷରୁ ପ୍ରଥମେ ରାଜ୍ୟବ୍ୟାପି ସିଙ୍ଗଲ ମେରିଟ ଲିଷ୍ଟ କରାଯାଇଥିଲା। ଏହି ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ଏହାପରେ ତରବରିଆ ଭାବେ ରାଜ୍ୟ ସରକାର ଜିଲ୍ଲାୱାରୀ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିଥିଲେ। ଆବେଦନକାରୀଙ୍କ ମୂଳ ଅଭିଯୋଗ ଅନୁଯାୟୀ ପ୍ରାୟ ୨୦ ହଜାର ଊର୍ଦ୍ଧ୍ୱ କନିଷ୍ଠ ଶିକ୍ଷକଙ୍କ ପାଇଁ ଓସେପା ତରଫରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ସେଥିରେ ଥିବା ଧାରା ୮.୩ ଅନୁଯାୟୀ, ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଜିଲ୍ଲା ଭିତରେ ସୀମିତ ରହିବ । ▶▶ପୃଷ୍ଠା ୭

## ୨୬ ଲକ୍ଷ ଟଙ୍କାର ବ୍ରାଉନ୍ସୁଗର ଜବତ: ୨ ଗିରଫ

କଟକ, ୧୨/୩ (ନି.ପ୍ର): କଟକ କମିଶନରେଟ ପୁଲିସ ହାତରେ ପଡ଼ିଛନ୍ତି ୨ ଆନ୍ତଃରାଜ୍ୟ ବ୍ରାଉନ ସୁଗର ବେପାରୀ। ପଶ୍ଚିମବଙ୍ଗର ଏହି ଦୁଇ ବ୍ୟବସାୟୀଙ୍କୁ ଗିରଫ କରିଛି ଚାଉଳିଆଗଞ୍ଜ ଥାନା ପୁଲିସ। ସେମାନଙ୍କଠାରୁ ୨୫୭ ଗ୍ରାମ ବ୍ରାଉନ ସୁଗର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ମୁର୍ଶିଦାବାଦର ଈଶ୍ୱର ମାହାରା ଓ ବୁଧୁ ରାୟ। ସେମାନଙ୍କଠାରୁ ନଗଦ ୨ ଲକ୍ଷ ଟଙ୍କା ସହିତ ଗୋଟିଏ ସ୍କର୍ପିଓ ଗାଡ଼ି ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଅଭିଯୁକ୍ତ ଦ୍ୱୟ ମୁର୍ଶିଦାବାଦରୁ ବ୍ରାଉନ୍ ସୁଗର ଆଣି ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ବାଟରେ ସେମାନେ ଭଦ୍ରକରେ କିଛି ବ୍ରାଉନ ସୁଗର ବିକ୍ରି କରିଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ଚାଉଳିଆଗଞ୍ଜ ଥାନା ପୁଲିସ୍ ଓ ସ୍ପେଶାଲ୍ ସ୍କ୍ୱାଡ୍ କଟକର କାଳିଆ ବୋଦା ନିକଟରେ ଛକି ରହିଥିଲେ। ସେଠାରେ ବ୍ଲକିଂ ଓ ଚେକିଂ ଚାଲିଥିଲା ବେଳେ ଏହି ଅଭିଯୁକ୍ତମାନେ ଧରାପଡ଼ିଥିଲେ। ସେମାନଙ୍କଠାରୁ ବ୍ରାଉନ୍ ସୁଗର ଜବତ କରାଯାଇଥିଲା। ଅତିରିକ୍ତ ଡିସିପି ଅନୀଲ ମିଶ୍ର କହିଛନ୍ତି, ସେମାନେ ମୁର୍ଶିଦାବାଦରୁ ଯେଉଁ ବ୍ରାଉନ୍ ସୁଗର ଆଣିଥିଲେ, ସେଥିରୁ ବାଟରେ କିଛି ବିକ୍ରି କରିଥିଲେ। ସେଥିରୁ ସେମାନଙ୍କୁ ୨ ଲକ୍ଷ ଟଙ୍କା ମିଳିଥିଲା। ସେହି ଅର୍ଥକୁ ଜବତ କରାଯାଇଛି। ଏହି ଘଟଣାର ତଦନ୍ତ ଚାଲିଛି। ଆବଶ୍ୟକ ହେଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ପୁଣି ଜେରା କରାଯିବ।

## ମହିଳା ସରକାରୀ କର୍ମଚାରୀଙ୍କୁ ମିଳିବ ଅଧିକ ୧୦ ଦିନ ଛୁଟି

ଭୁବନେଶ୍ୱର, ୧୨/୩ (ନି.ପ୍ର): ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକରୁଥିବା ମହିଳା କର୍ମଚାରୀମାନେ ଏଣିକି ଗୋଟିଏ ବର୍ଷରେ ୨୫ ଦିନ ସାମୟିକ ଛୁଟି ପାଇବେ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ସରକାରୀ କର୍ମଚାରୀମାନଙ୍କୁ ସାଧାରଣତଃ ବର୍ଷକୁ ୧୫ ଦିନର ସାମୟିକ ଛୁଟି ଦିଆଯାଉଥିବା ବେଳେ ମହିଳା ସରକାରୀ କର୍ମଚାରୀମାନଙ୍କ ପାଇଁ ଆଜି ଆଉ ଅଧିକ ୧୦ ଦିନର ଛୁଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ଫଳରେ ସରକାରୀ ମହିଳା କର୍ମଚାରୀମାନେ ବର୍ଷକୁ ୨୫ ଦିନର ସାମୟିକ ଛୁଟି ପାଇବେ। ମହିଳାମାନଙ୍କ ପାରିବାରିକ ଦାୟିତ୍ୱ ଓ ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## ରାତିର ଅନ୍ଧାରରେ ଖସି ଯାଉଥିଲା ପାକିସ୍ତାନ ବୋଟ୍: ମିଳିଲା ୪୮୦ କୋଟିର ଡ୍ରଗ୍ସ

ଅନ୍ଧାର ରାତି। ମଝି ସମୁଦ୍ର। ଉପକୂଳ ଠାରୁ ୩୫୦ କିମି ଦୂର। ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲା ଗୋଟିଏ ପାକିସ୍ତାନୀ ବୋଟ। ଭାରତୀୟ ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ଖସି ଯିବାକୁ ଚେଷ୍ଟା କରି କରିଥିଲା ଉକ୍ତ ବୋଟ। ହେଲେ ଭାରତୀୟ ସୁରକ୍ଷାକର୍ମୀଙ୍କ ପଞ୍ଝାରୁ ଖସିବା ସହଜ ହୋଇନାହିଁ। ଡଙ୍ଗା ସହ ଏଥିରେ ଥିବା ୬ ଜଣ ପାକିସ୍ତାନୀଙ୍କୁ ସୁରକ୍ଷାକର୍ମୀ ଗିରଫ କରିଛନ୍ତି। ଏଥିସହ ଡଙ୍ଗାରେ ରହିଥିବା ୪୮୦ କୋଟି ଟଙ୍କାର ଡ୍ରଗ୍ସ ମଧ୍ୟ ଜବତ କରାଯାଇଛି। ଗୁଜରାଟର ପୋରବନ୍ଦର ଉପକୂଳ ଠାରୁ ୩୫୦ କିମି ଦୂରରେ ସୋମବାର ରାତିରେ ସୁରକ୍ଷାକର୍ମୀମାନେ ଅପରେସନ କରି



ଏତେ ପରିମାଣର ଡ୍ରଗ୍ସକୁ ଜବତ କରିବାକୁ ସକ୍ଷମ ହୋଇଛନ୍ତି। ତଟରକ୍ଷୀ ବାହିନୀ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଆରବ ସାଗରରେ ପ୍ୟାଟ୍ରୋଲିଂ ଚାଲିଥିଲା। ସମୁଦ୍ର ଓ ଆକାଶ ପଥରେ ସୁରକ୍ଷାକର୍ମୀମାନେ ବୁଲିବୁଲି ଯାଞ୍ଚ କରୁଥିଲେ। ଏହି ସମୟରେ ପୋରବନ୍ଦର ▶▶ପୃଷ୍ଠା ୭

## ନିର୍ବାଚନ କମିଶନଙ୍କ ନିକଟରେ ଇଲେକ୍ଟୋରାଲ ବଣ୍ଡର ତଥ୍ୟ ଦାଖଲ କଲା ଏସବିଆଇ

ନୂଆଦିଲ୍ଲୀ, ୧୨/୩ : ସୁପ୍ରିମକୋର୍ଟଙ୍କ ତାଗିଦ ପରେ ଚେତିଛି ଏସ୍‌ବିଆଇ। ନିର୍ବାଚନୀ ବଣ୍ଡ ତଥ୍ୟ ଦେବାକୁ ବିଭିନ୍ନ ପ୍ରକାରର ଆଳ ଦେଖାଉଥିବା ଏସ୍ ?ବିଆଇ ଶେଷରେ ମୁଣ୍ଡ ନୁଆଁଇଛି। କାମ ଦେଇନି ତଥ୍ୟ ଲୁଚାଇବା ପାଇଁ ଏସ୍‌ବିଆଇର କୌଣସି ବାହାନା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ଦେଶର ସର୍ବବୃହତ୍ତ ବ୍ୟାଙ୍କ ନିର୍ବାଚନ କମିଶନଙ୍କୁ ନିର୍ବାଚନୀ ବଣ୍ଡ ସଂକ୍ରାନ୍ତ ତଥ୍ୟ ଦେଇଛି। ଏହି ତଥ୍ୟକୁ ଆସନ୍ତା ୧୫ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ନିର୍ବାଚନ କମିଶନ ନିଜ ୱେବ ସାଇଟ୍‌ରେ ସାର୍ବଜନୀନ କରିବେ। ସୁପ୍ରିମକୋର୍ଟ ଫେବୃଆରୀ ୧୫ ତାରିଖରେ ଏସବିଆଇକୁ ପ୍ରଥମେ ନିର୍ବାଚନ କମିଶନଙ୍କ ନିକଟରେ ମାର୍ଚ୍ଚ ୧୨ ସୁଦ୍ଧା ନିର୍ବାଚନୀ ବଣ୍ଡ ଦାଖଲ କରିବାକୁ କହିଥିଲେ। କିନ୍ତୁ ୨ ସପ୍ତାହ ପରେ ହଠାତ ଏସିବିଆଇ ଗୋଟିଏ ଆବେଦନ ସୁପ୍ରିମକୋର୍ଟରେ ଦାଖଲ କରିଥିଲା। ନିର୍ବାଚନ ଆୟୋଗଙ୍କ ନିକଟରେ ନିର୍ବାଚନ ବଣ୍ଡର ବିବରଣୀ ଦାଖଲ କରିବାକୁ ଏସବିଆଇ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ମାଗିଥିଲା। ଯୁକ୍ତି ଉପସ୍ଥାପନ କରିବା ବେଳେ ଏସ୍‌ବିଆଇର ଓକିଲ ହରିଶ ସାଲଭେ ବିଭିନ୍ନ ପ୍ରକାରର ଆଳ ଦେଖାଇ ସମୟ ମାଗିବାକୁ ଚେଷ୍ଟା କରିଥିଲେ।




ସେ କେତେବେଳେ ତଥ୍ୟ ମେଳାଇବାକୁ ପଡ଼ିବ ତ ଆଉ କେତେବେଳେ କହିଲେ ଏତେ ଶୀଘ୍ର ଦସ୍ତାବିଜ ଦାଖଲ କରିବା ସହଜ ନୁହେଁ। ସେ ବିଭିନ୍ନ ପ୍ରକାରର ଦଲିଲ ଦେଇଥିଲେ ମଧ୍ୟ ସର୍ବୋଚ୍ଚ ଅଦାଲତ କିଛି ବି ଶୁଣି ନଥିଲେ। ସୋମବାର ଶୁଣାଣି ବେଳେ ଏସିବିଆଇକୁ ସୁପ୍ରିମକୋର୍ଟ ତାଗିଦ କରି ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା ତଥ୍ୟ ଦାଖଲ କରିବାକୁ କହିଥିଲେ। ଆଜି ଏସ୍‌ବିଆଇ ସନ୍ଧ୍ୟା ୫.୩୦ ବେଳକୁ ନିର୍ବାଚନ କମିଶନଙ୍କ ନିକଟରେ ନିର୍ବାଚନୀ ବଣ୍ଡର ତଥ୍ୟ ଦାଖଲ କରିଛି। ଏବେ ନିର୍ବାଚନ କମିଶନ ୧୫ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଏହାକୁ ଅପଲୋଡ କରୁଛନ୍ତି କି ନାହିଁ, ତା’ ଉପରେ ସମସ୍ତଙ୍କ ନଜର ରହିଛି।

## କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା: ହେଭିୱେଟଙ୍କ ପୁଅମାନଙ୍କୁ ମିଳିଲା ଟିକେଟ

ନୂଆଦିଲ୍ଲୀ, ୧୨/୩ : ଆସନ୍ତା ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ପକ୍ଷରୁ ଆଜି ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଦଳ ୩୯ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା। ଏଥିରେ ଓଡ଼ିଶାର କେହି ନଥିଲେ। ଏବେ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ମଧ୍ୟ ଓଡ଼ିଶାର କୌଣସି ଲୋକସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀଙ୍କ ନାଁ ଘୋଷଣା କରି ନାହିଁ। ଦ୍ୱିତୀୟ ପର୍ଯ୍ୟାୟରେ କଂଗ୍ରେସ ୪୩ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି।





ଏଥର ଦଳ ହେଭିୱେଟ ନେତାମାନଙ୍କ ପୁଅମାନଙ୍କୁ ଲୋକସଭା ନିର୍ବାଚନ ଲଢ଼ିବାକୁ ଟିକେଟ ଦେଇଛି। କମଲନାଥଙ୍କ ପୁଅ ନକୁଲନାଥ ୨୦୧୯ ଭଳି ମଧ୍ୟପ୍ରଦେଶର ଛିନ୍ଦୱାଡାରୁ ନିର୍ବାଚନ ଲଢ଼ିବେ।୨୦୧୯ରେ ସେ ଦଳର ଏକମାତ୍ର ସାଂସଦ ଭାବେ ମଧ୍ୟପ୍ରଦେଶରୁ ଲୋକସଭାକୁ ଯାଇଥିଲେ। ସେହିପରି ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ▶▶ପୃଷ୍ଠା ୭

# ଫୁଲବାଣୀରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

କନ୍ଧମାଳ, ୧୨/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଏବଂ ଦୌରା ଜଜ୍ ସତ୍ୟପିର ମିଶ୍ରଙ୍କ ଅଦାଲତରେ ଆଜି ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛିଯେ, ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ ୭୭ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୬୪ ଲକ୍ଷ ୪୨ ହଜାର ୪୭୬ ଟଙ୍କା ଆଦାୟ କରାଯାଇଥିବାବେଳେ, ୪୩ଟି ବି.ଏସ୍.ଏନ୍.ଏଲ୍. ମାମଲା ବିଚାର କରାଯାଇ ୫୧ ହଜାର୬୪୪ ଟଙ୍କା ଆଦାୟ କରାଯାଇଛି । ସେହିପରି, ୩୨ ଗୋଟି ଜନ ଉପଯୋଗୀ ସେବା( ରଫା ଅଯୋଗ୍ୟ ବ୍ୟତିତ) ମାମଲାର ବିଚାର କରାଯାଇ ୧ଲକ୍ଷ ୧୪ ହଜାର ୪୪୩ଟଙ୍କା ଆଦାୟ କରାଯାଇଛି । ସେହିପରି, ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୭ଟି ଏନ୍.ଆଇ. ଆକ୍ଟ ମାମଲାର ବିଚାର କରାଯାଇ ୬ଲକ୍ଷ ୭୯ହଜାର ୨୬୩ଟଙ୍କା ଆଦାୟ କରାଯାଇଥିବାବେଳେ ୫ଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୪୫ ଲକ୍ଷ ୧୦ ହଜାର ଟଙ୍କା ଆଦାୟ କରାଯାଇଛି । ୧୧ଗୋଟି ବୈବାହିକ ବିବାଦ ଫଇସଲା କରାଯାଇ ୧ ଲକ୍ଷ ୭୪ ହଜାର ଟଙ୍କା ଆଦାୟ କରାଯାଇଥିବାବେଳେ, ୧୧୮ଗୋଟି ଏଫ୍.ଆର୍.ଟି., ୪୪୬ ସି.ଆର୍. ପି.ସି. ମାମଲା ବିଚାର କରାଯାଇ ୪ହଜାର ଟଙ୍କା ଆଦାୟ କରାଯାଇଛି । ତେବେ, ୬ଟି ଅପରାଧିକ କମ୍ପାଉଣ୍ଡେବଲ୍ ମାମଲା, ୨ ଗୋଟି ଅର୍ଥ ଅସୁଲି ମାମଲା, ୧୯୩ ଗୋଟି ହାଇକୋର୍ଟ ଓ ଜିଲ୍ଲା ଅଦାଲତରେ ବିଚାରାଧୀନ ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା ଏବଂ ୪ଟି ଅନ୍ୟାନ୍ୟ ସିଭିଲ୍ ମାମଲାର ବିଚାର କରାଯାଇଛି । ଆଜିର ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ୧୫୨ଟି ଓ ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୩୪୬ଟି ମାମଲାର ଫଇସଲା କରାଯାଇଛି ବୋଲି ଜଣାପଡ଼ିଛି । ମାନନୀୟ ଜିଲ୍ଲା ଜଜ୍-ତଥା-ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ, ଅତିରିକ୍ତ ଜିଲ୍ଲା ଜଜ୍-ତଥା-ପାରିବାରିକ ଅଦାଲତ ବିଚାରପତି, ଫୁଲବାଣୀ, ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜ୍ , ଫୁଲବାଣୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍, ଫୁଲବାଣୀ, ସହକାରୀ ସେସନ୍ ଜଜ୍- ମହିଳା କୋର୍ଟ, ଫୁଲବାଣୀ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ, ଏସ୍.ଡି.ଜେ.ଏମ୍, ଫୁଲବାଣୀ, ଜେ.ଏମ୍. ଏଫ୍.ସି., ଫୁଲବାଣୀ, ପ୍ରମୁଖ ମାଜିଷ୍ଟ୍ରେଟ୍, ଜୁଭେନିଲ ଜଷ୍ଟିସ ବୋର୍ଡ, ଫୁଲବାଣୀଙ୍କ ଇଜ୍ଲାସରେ ମାମଲା ଗୁଡ଼ିକର ବିଚାର କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀର ସମସ୍ତ କର୍ମଚାରୀଙ୍କ ସହାୟତାରେ ଏହି ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୪କୁ ସାଫଲ୍ୟ ମଣ୍ଡିତ କରାଯାଇଥିଲା ।

# ଭାଇବୋହୂଙ୍କୁ ମରଣାନ୍ତକ ଆକ୍ରମଣ କରି ଦେଢଶୁର ଅଦାଲତ ଚାଲାଣ

କୋରେଇ, ୧୨/୩ (ନି.ପ୍ର): ପାଣିକୋଇଲି ପୁଲିସ ଭାଇବୋହୂ ଆକ୍ରମଣକାରୀ ଦେଢଶୁରଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ଗ୍ରାମରେ ଗୋଟିଏ ପରିବାର ମଧ୍ୟରେ ସାମାନ୍ୟ ଘଟଣାକୁ ନେଇ ଗଣ୍ଡଗୋଳ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଛି । ତଣ୍ଡରା ଗ୍ରାମର ପଦ୍ମନାଭ କରଙ୍କ ଦୁଇ ପୁଅ ହଳଧର ଓ ଅଭିରାମଙ୍କ ମଧ୍ୟରେ ତିକ୍ତ ସମ୍ପର୍କ ରହିଥିଲା । ତେବେ ଶନିବାର ସନ୍ଧ୍ୟା ସାଢେ ଆଠଟା ସମୟରେ ବଡଭାଇ ହଳଧର ଅଭିରାମଙ୍କ ଘରର ଝରକା ପାଖରେ ପରିସ୍ରା କରୁଥିଲେ । ଏହି ସମୟରେ ଅଭିରାମଙ୍କ ସ୍ତ୍ରୀ ଅଙ୍କିତା କିଏ ପରିଶ୍ରା କରୁଛି ବୋଲି ପାଟି କରିବାରୁ ହଳଧର ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ହଳଧରଙ୍କ ସ୍ତ୍ରୀ ପାର୍ବତୀ ଏକ ପିଠା ଖଡିକାରେ ଅଙ୍କିତାଙ୍କୁ ଆକ୍ରମଣ କରିଥିଲେ । ଫଳରେ ଅଙ୍କିତାର ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା । ତାଙ୍କୁ ବଂଚାଇବାକୁ ଯାଇଥିବା ଅଭିରାମଙ୍କୁ ମଧ୍ୟ ତାଙ୍କ ଭାଇ ଓ ଭାଉଜ ମଧ୍ୟ ଆକ୍ରମଣ କରିଥିଲେ । ପର୍ବତୀ ଏକ ପନିକିରେ ତାଙ୍କୁ ହାଣିବାକୁ ଉଦ୍ୟମ କରିବା ବେଳେ ସେ ବୁଲିଯିବରୁ ତାଙ୍କ ଅଂଟାରେ ବାଜିବାରୁ କ୍ଷତାକ୍ତ ହୋଇ ତଳେ ପଡି ଯାଇଥିଲେ । ଏହି ସମୟରେ ଉଭୟ ସ୍ୱାମୀ ସ୍ତ୍ରୀ ତାଙ୍କୁ ପିଠା ଖଡିକା ଓ ପନିକିରେ ଆକ୍ରମଣ କରିବା ସହିତ ତାଙ୍କ ହାତକୁ ଭାଙ୍ଗିଦେଇଥିଲେ । ଫଳରେ ରକ୍ତାକ୍ତ ଅବସ୍ଥାରେ ଉଭୟ ସ୍ୱାମୀ ସ୍ତ୍ରୀ ଯାଜପୁରରୋଡ କ୍ଷେତ୍ରୀୟ ଡାକ୍ତରଖାନାରେ ଚିକତ୍ସିତ ହେଉଥିଲେ । ମାତ୍ର ଅଙ୍କିତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେ କଟକ ବଡ଼ ଡ଼ାକ୍ତରଖାନାକୁ ରେଫର ହୋଇଛନ୍ତି । ଏନେଇ ଅଭିରାମ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୧୨୯/୨୪ ଦଫା ୨୯୪,୩୦୭,୩୨୩,୩୨୪,୩୪.୩୫୪,୩୪ ଆଇପିସିରେ ହଳଧରଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୧୨/୩ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଜି ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୯୭ ଗୋଟି ଅଭିଯୋଗ ମିଳିଥିଲା । ଏଥିରେ ୯୦ ଗୋଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ ସମସ୍ୟା ସମ୍ପର୍କରେ ଥିଲା । ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୮ ଗୋଟି ଓ ରେଡକ୍ରସରୁ ସହାୟତା ପାଇଁ ୨ ଗୋଟି ଆବେଦନ ମିଳିଥିଲା । ତତ୍କାଳୀନ ୨୦ ଗୋଟି ଅଭିଯୋଗର ସମାଧାନ ହୋଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରେରଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ସିଡିଏମଓ ଡା. ସୁଜାତା ମିଶ୍ର, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ରଞ୍ଜନ ବେହେରା, ତହସିଲଦାର ଅଭିଷେକ ଦାଶ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ

ସମ୍ବଲପୁର, ୧୨/୩ (ନି.ପ୍ର): ଦେବଗଡ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସ୍ମୃତିରେଖା ସାହିତ୍ୟ ସାଂସଦର ନବମ ବାର୍ଷିକସ୍ତୋବ ଉପଲକ୍ଷେ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ନାରାୟଣ ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅବସରପ୍ରାପ୍ତ ରାଜ୍ୟ ପୁରସ୍କୃତ ଶିକ୍ଷକ ଫକୀର ମୋହନ ଦେହୁରୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଉତ୍ସବରେ ଓଡିଶା ସାହିତ୍ୟ ଏକାଡେମୀର ଦେବଗଡ ସଦସ୍ୟ ଡ. ଭାରତ ଭୂଷଣ ନନ୍ଦ ମୁଖ୍ୟଅତିଥି ଓ ଆଦର୍ଶ ଡିଗ୍ରୀ କଲେଜର ଅଧକ୍ଷ ବିଜୟ କୁମାର ମହାରଣା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଉତ୍ସବରେ ପ୍ରତ୍ୟେକ ବର୍ଷ ପରି ରାଜ୍ୟର ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ବାମଣ୍ଡା ଅଂଚଳର କୁର୍ଚିଣ୍ଡା ନିବାସୀ ସାହିତ୍ୟିକ ଓ ସମାଜସେବୀ ସୁବାସ ଚନ୍ଦ୍ର ନାୟକଙ୍କୁ ରାଜକବି ଓ ବାସୁଦେବ ସୁଢଳ ଦେବଙ୍କ ସ୍ମୃତିରେ ବୁଧ ହଂସ କେଳିସର ସମ୍ମାନ ପ୍ରଦାନ କରା ଯାଇଥିବା ବେଳେ ମୟୁରଭଞ୍ଜର ଶିଶୁ ସାହିତ୍ୟିକ ଡ. କୁମାର ବାବୁଲି, କେନ୍ଦୁଝରର ସାହିତ୍ୟ ସଂଗଠକ ବାବୁଲାଲ ପଲେଇ ଓ ଦେବଗଡର ସାଧୁ ଭାତୃ କୁମାର ପ୍ରଫୁଲ୍ଲଙ୍କୁ ବିଜ୍ଞାନ ବିନୋଦ ସମ୍ମାନ ପ୍ରଦାନ ପୂର୍ବକ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇ ଥିଲା । ରାଜ୍ୟ ପୁରସ୍କୃତ ଶିକ୍ଷକ ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ କବି ସ୍ୱରଚିତ କବିତା ଆବୃତି କରିଥିଲେ । ପ୍ରାରମ୍ଭରେ ଅବସରପ୍ରାପ୍ତ ରାଜ୍ୟ ପୁରସ୍କୃତ ବିଜ୍ଞାନ ଶିକ୍ଷକ ଉଦୟ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ଅନୁଷ୍ଠାନ ର ମୁଖପତ୍ର ସ୍ମୃତିରେଖା ଓ ଫକୀର ମୋହନ ଦେହେରିଙ୍କ ଲିଖିତ ବିଶିଷ୍ଟ ଦିବସ ପୁସ୍ତକ କୁ ଉନ୍ମୋଚନ କରିଥିଲେ । ପରେ ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ପିସିସି ସଂଖ୍ୟାଲଘୁ ବିଭାଗର ସାଧାରଣ ସମ୍ପାଦକ ହେଲେ କେନ୍ଦ୍ରାପଡ଼ାର ସୟଦ ଅବଦୁଲ ସତାର

କେନ୍ଦ୍ରାପଡ଼ା, ୧୨/୩ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଂଖ୍ୟାଲଘୁ ବିଭାଗର ସାଧାରଣ ସମ୍ପାଦକ ଭାବେ କେନ୍ଦ୍ରାପଡା ସଂଖ୍ୟାଲଘୁ ସଂପ୍ରଦାୟର ବରିଷ୍ଠ ନେତା ସୟଦ ଅବଦୁଲ ସତାରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଅଖିଳ ଭାରତ କଂଗ୍ରେସ କମିଟି ସଂଖ୍ୟାଲଘୁ ବିଭାଗ ଅଧକ୍ଷଙ୍କ ଅନୁମୋଦନ କ୍ରମେ ସୟଦ ସତାରଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ସୟଦ ଅବଦୁଲ ସତାର ଗତ ୨୦୦୮ରୁ ୨୦୨୩ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲା ସଂଖ୍ୟାଲଘୁ ସେଲର ଅଧକ୍ଷ ଭାବେ ସୂଚାରୁ ରୂପେ ଦଳର ସାଂଗଠନିକ କାର୍ଯ୍ୟ କରିଆସିଛନ୍ତି । ଏତଦବ୍ୟତିତ ଦଳର ବରିଷ୍ଠ ନେତା ରଞ୍ଜୀବ ବିଶ୍ୱାଳ ଏବଂ ଧରଣୀଧର ନାୟକ କେନ୍ଦ୍ରାପଡାରୁ ଲୋକସଭା ପାଇଁ ଦଳର ସାଂସଦ ପ୍ରାର୍ଥୀ ହୋଇଥିବା ବେଳେ ସୟଦ ସ ।ର ଦଳର ସଂଖ୍ୟାଲଘୁ ସଂପ୍ରଦାୟଙ୍କୁ ଦଳ ସପକ୍ଷରେ ସଂଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏବେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଂଖ୍ୟାଲଘୁ ବିଭାଗର ସାଧାରଣ ସମ୍ପାଦକ ଭାବେ ଦଳ ପକ୍ଷରୁ ମନୋନିତ ହୋଇଥିବାରୁ ସୟଦ ସତାର ଆଗାମୀ ସାଧାରଣ ନିର୍ବାଚନ ପାଇଁ ସଂଖ୍ୟାଲଘୁମାନଙ୍କୁ ସଂଗଠିତ କରି ପିସିସି ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି । ଏହି ନିଯୁକ୍ତି ପାଇଁ ସୟଦ ସତାର ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜ୍ଜୁନ ଖାର୍‌ଗେ, ଅଖିଳ ଭାରତ କଂଗ୍ରେସ କମିଟି ସଂଖ୍ୟାଲଘୁ ବିଭାଗ ଅଧକ୍ଷ ଇମ୍ରାନ ପ୍ରତାପ ଗଡି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ କୁମାର ପଟ୍ଟନାୟକ, ପିସିସି ସଂଖ୍ୟାଲଘୁ ବିଭାଗ ଅଧକ୍ଷ ମହମ୍ମଦ ଜିଆଉଲ୍ ହକ୍ ଓ ପୂର୍ବତନ କେନ୍ଦ୍ରାପଡା ନଗରପାଳ ମହମ୍ମଦ ଆକବର ଅଲ୍ଲୀ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ନିଯୁକ୍ତି ପାଇବା ପରେ ସୟଦ ସତାରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଅସୀମ କରାଟେ ଏକାଡେମୀ ତରଫରୁ ରକ୍ତଦାନ

ବଲାଙ୍ଗିର, ୧୨/୩ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁନ୍ଦେଇମାଲ ଗ୍ରାମର ବିଶ୍ୱାମିତ୍ର ପୋଡ କିଡନୀ ସମସ୍ୟା ହେତୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ରେ ଚିକିତ୍ସିତ ହେଉଛନ୍ତି । ରକ୍ତର ଆବଶ୍ୟକ ହେବାରୁ ତାଙ୍କ ସମ୍ପର୍କୀୟ ରୋହିତ ଓ ରମେଶ ପଧାନ ଅସୀମ କରାଟେ ଏକାଡେମୀକୁ ରକ୍ତ ପାଇଁ ସହଯୋଗ ମାଗିଥିଲେ । ଜାତୀୟ ସ୍ତରୀୟ କରାଟେ କୋଚ ତଥା ଜିଲ୍ଲା ଯୁବ ସଭାପତି ଅସୀମ କୁମାର ଭୋଇଙ୍କ କରାଟେ ଛାତ୍ର ଡ. ସଳଯା ନନ୍ଦନ ରଥ ରାତି ୯ଟା ୨୦ ମି. ରେ ଆସି ରକ୍ତଦାନ କରି ରୋଗୀର ଜୀବନ ବଂଚାଇ ଥିଲେ । ପ୍ରକାଶ ଥାଉ କି ଡ. ସଳଯା ରଥ ବୃତିରେ ଜଣେ ଡକ୍ତର ଥିବା ସତ୍ୱେ କୋଚ ଅସୀମ କୁମାର ଭୋଇଙ୍କ ଠାରେ କରାଟେ ପ୍ରଶିକ୍ଷଣ କରୁଛନ୍ତି ।

# ପୋଲିଙ୍ଗ ଅଧିକାରୀମାନଙ୍କର ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ, ୧୨/୩ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ-୨୦୨୪କୁ ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ସହିତ ସମସ୍ତ ଦଳ ଏବଂ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ପାଇଁ ସମାନ ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ନିଯୁକ୍ତି ପାଇଥିବା ସହକାରୀ ବ୍ୟୟ ପର୍ଯ୍ୟବେକ୍ଷକ, ଆକାଉଂଟିଙ୍ଗ୍ ଟିମ୍, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍, ଭିଡିଓ ଭ୍ୟୁଇଙ୍ଗ୍ ଟିମ୍, ଫ୍ଲାଇଙ୍ଗ୍ ସ୍କ୍ୱାଡ୍, ସେକ୍ଟର ଅଫିର୍ସ ଏମ.ସି.ଏମ୍.ସି. ର ସଦସ୍ୟମାନଙ୍କୁ ସେମାନଙ୍କର କାର୍ଯ୍ୟାବଳୀ ଉପରେ ତାଲିମ ପ୍ରଦାନ ସରିଛି । ଆଜି ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ପୋଲିଂ ଅଧିକାରୀମାନଙ୍କୁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ପାଇଁ ନିଯୁକ୍ତ ରିସୋର୍ସ ପର୍ସନମାନଙ୍କ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍, କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, କନ୍ଧମାଳ ଉପ-ଜିଲ୍ଲାପାଳ ଚିତରଞ୍ଜନ ମହନ୍ତ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ପ୍ରବୀଣ କୁମାର ବାଣୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦରଞ୍ଜନ ସାହୁ ପ୍ରମୁଖ, ୪୦ ଜଣରୁ ଅଧିକ ଅଧିକାରୀଙ୍କୁ ପ୍ରଶିଷଣ ପ୍ରଦାନ କରିଥିଲେ । ନିଯୁକ୍ତ ରିସୋର୍ସ ପର୍ସନମାନେ ମାଷ୍ଟର ଟ୍ରେନରଭାବେ ଚଳିତ ମାସ ୧୫ ତାରିଖରୁ୨୦ ତାରିଖ ମଧ୍ୟରେ ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନ, କୋଟଗଡ଼, ଆଦିବାସୀ କଲେଜ, ବାଲିଗୁଡ଼ା, ଏ.ଏମ୍.ସି.ଏସ୍. କଲେଜ, ଟିକାବାଲି ଏବଂ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଫୁଲବାଣୀ ଠାରେ ପୋଲିଂ ପର୍ସୋନେଲ୍ ମାନଙ୍କୁ ଆଗାମୀ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିବେ । ସେହିପରି, ସେମାନଙ୍କୁ ଇ.ଭି.ଏମ୍. ଓ ଭିଭିପାଟ୍ ମେସିନ ଉପରେ ମଧ ତାଲିମ ଓ ଡେମୋନଷ୍ଟ୍ରେସନ୍ କରାଯାଇଥିଲା । ଆଜିର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର, ନିର୍ବଚନ ମାଲେଶ୍ୱର ପାତ୍ର ପରିଚାଳନା କରିଥିବାବେଳେ ବିଭାଗୀୟ ପଦାଧିକାରୀମାନେ ସହଯୋଗ କରିଥିଲେ ।

# କଂଗ୍ରେସର ଜନ ଜାଗରଣ ସମାବେଶ ଓ ମିଶ୍ରଣ ପର୍ବ

ମାଲକାନଗିରି, ୧୨/୩ (ନି.ପ୍ର): ଖଇରପୁଟ ବ୍ଲକ କଂଗ୍ରେସ ପକ୍ଷରୁ ବଡଡୁରାଲ ପଂଚାୟତ ଠାରେ ଗତକାଲି ଜନ ଜାଗରଣ ସମାବେଶ ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ ରାହୁଲ ଗାନ୍ଧୀଙ୍କ ବଢୁଥିବା ଲୋକପ୍ରିୟତାକୁ ଦେଖି ତାଙ୍କ ନେତୃତ୍ୱକୁ ଭରଷା କରି ବଡ ଡୁରାଲ ପଂଚାୟତର ପୂର୍ବତନ ସରପଂଚ ତଥା ବିଜେଡି ନେତ୍ରି ଶ୍ରୀମତୀ ପଦ୍ମା ସିଶା, ମାଡକାପଦର ପୂର୍ବତନ ସରପଂଚ ତଥା ବିଜେଦି ନେତା ଧବଲୁ ମୁଦୁଲି ବର୍ତମାନର ଅନଗେଲ ଗ୍ରାମର ୱାର୍ଡମେମ୍ବର ରବି ହନ୍ତାଳ, ପୋଡାପୋଡି ଗ୍ରାମର ୱାର୍ଡମେମ୍ବର ଧନର୍ଜୟ ଚାଲାଣ, ଦଳପତିଗୁଡା ଗ୍ରାମର ୱାର୍ଡମେମ୍ବର ଦଶରଥ ସିଶା, ଗାଦବାପଡା ଗ୍ରାମର ୱାର୍ଡମେମ୍ବର ଧନୀ କିର୍ଷାନୀ, ନାଏବ ସରପଚଂ ମଙ୍ଗଳା ମୁଦଲି, ପୁର୍ବତନ ୱାର୍ଡମେମ୍ବର ସନିଆ ମାଝୀଙ୍କ ସହ ଶହେରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ କଂଗ୍ରେସ ଦଳରେ ଯୋଗଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର , ନବରଗଂପୁର ସାସଂଦ ଆସାୟୀ ପ୍ରାର୍ଥି ଭୁଜବଳ ମାଝୀ , ଖଇରପୁଟ ବ୍ଲକ ସଭାପତି ବୁଦୁରା ଧାଙ୍ଗଡା ମାଝୀ, ଜିଲ୍ଲା କଂଗ୍ରେସ ଗଣମାଧମ ବିଭାଗ ଅଧକ୍ଷ ଇସାକ ଖୋସଲା, ଜିଲ୍ଲା କଂଗ୍ରେସ ଉପ ସଭାପତି ଭିମା ବାର୍ଷେ, କୋରକୁଣ୍ଡା ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ମଙ୍ଗୁ ଖିଲ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମନୋଜ ନାୟକ, ଚିତ୍ରକୋଣ୍ଡା ଜୋନ ୧ ଜିଲ୍ଲା ପରିଷଦ ସଭ୍ୟା ବିନନ୍ତୀ ଖିଲ, ବରିଷ୍ଠ କଂଗ୍ରେସ ନେତା ସରତ ଚନ୍ଦ୍ର ବୁରୁଦା ,ବରିଷ୍ଠ କଂଗ୍ରେସ ନେତା ଫାଗୁରାମ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ପିସିସି ସଭାପତିଙ୍କ ୯ ରୁ ୯୦ ନାରାକୁ କିଭଳି ସଫଳ ହୋଇପାରିବ ସେହି ସମ୍ପର୍କରେ ନିଜ ନିଜର ବକ୍ତ୍ୟବ ପ୍ରଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଧର୍ମଶାଳାରେ ନୂତନ ବିଏସ୍‌କେୱାଇ ନବୀନ କାର୍ଡ ବିତରଣ

ଧର୍ମଶାଳା, ୧୨/୩ (ନି.ପ୍ର): ରାଜ୍ୟ ସରକାର ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି । ସମସ୍ତେ ସରକାରୀ ଯୋଜନାରେ ସାମିଲ ହୋଇ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁକ୍ତରେ ଉଚ୍ଚ ଚିକିତ୍ସା ପାଇ ପାରିବେ ଯାହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କାର୍ଡ ଆରମ୍ଭ କରିଥିଲେ । ତେବେ ସମସ୍ତ ଲୋକେ ଏଥିରେ ସାମିଲ ହେବା ପାଇଁ ଆଉ ଏକ ଯୋଜନା ସାମିଲ କରିଛନ୍ତି ବିଏସକେୱାଇ ନବୀନ କାର୍ଡ । ଏହି କ୍ରମରେ ଆଜି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ନେସନାଲ ଷ୍ଟାଡିୟମ ସଭା ଗୃହ ପରିସରରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ସଭାପତିତ୍ୱରେ ନୂତନ ବିଏସକେୱାଇ କାର୍ଡ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ଆଜି ବ୍ଲକର ୯୨୦ଜଣଙ୍କୁ ଏହି କାର୍ଡ ବଂଟନ କରିଛନ୍ତି ।

# ବିଧାୟକ ପାଣ୍ଠିରୁ ଭିନ୍ନକ୍ଷମମାନଙ୍କୁ ଇ-ଟ୍ରାୟ ସାଇକେଲ ବଂଟନ

ଧର୍ମଶାଳା, ୧୨/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ବିକାଶର ଧାରା ଚାଲୁ ରହିଛି । ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଧର୍ମଶାଳା ବିଧାୟକ ଆଉ ଏକ ପଦକ୍ଷେପ ନେଇଛନ୍ତି । ବିଧାୟକ ହାତ ପାଣ୍ଠିରୁ ଭିନ୍ନକ୍ଷମମାନଙ୍କ ଆଜି ୨ୟ ପର୍ଯ୍ୟାୟରେ ଇ-ଟ୍ରାୟ ସାଇକେଲ ବଂଟନ କରାଯାଇଛି । ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗ ଦେଇ ଆଜି ୨ୟ ପର୍ଯ୍ୟାୟରେ ୧୦ରୁ ଉର୍ଦ୍ଧ ଭିନ୍ନକ୍ଷମମାନଙ୍କୁ ଇ-ଟ୍ରାୟ ସାଇକେଲ ପ୍ରଦାନ କରିଛନ୍ତି । ଭିନ୍ନକ୍ଷମମାନଙ୍କୁ ସ୍ୱାବାବଲମ୍ବି କରିବା ସହ କିପରି ସୁବିଧାରେ ନିଜ ପରିବାର ବୋଝ ନ ହୋଇ ନିଜ କାମ ନିଜେ କରିବା ,ଏବଂ ଧର୍ମଶାଳା ବ୍ଲକରେ ରହି ଯାଇଥିବା ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପର୍ଯ୍ୟାୟ କ୍ରମେ ଏହି ବ୍ୟାଟେରୀ ଚାଳିତ ସାଇକେଲ ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ବଳବନ୍ତରାୟ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ,ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ,ବରିଷ୍ଠ ଜେନା ଜଳଧର ମହାନ୍ତିଙ୍କ ସମେତ ବହୁ ସ୍ଥାନୀୟ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ ।

# ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର

କୋରେଇ, ୧୨/୩ (ନି.ପ୍ର): କୋରାଇ ବ୍ଲକ ଅର୍ନ୍ତଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଲିଙ୍ଗେଶ୍ୱର ଉନ୍ନୟନ କମିଟିର ୫୪ ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଏହି ଶିବିରର ଆୟୋଜନ କରାଯାଇଥିଲା । ଏହି ଶିବରକୁ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସଭାପତି ବିଷ୍ଣୁ ଚରଣ ଧଳ, ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ, ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରୀପାଠୀ ପ୍ରମୁଖ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ରକ୍ତଦାନ ଶିବିରକୁ ଅଶୋକ କୁମାର ସାହୁ, କୈଳାସ ସାହୁ, ନିତ୍ୟାନନ୍ଦ ପରିଡା, ମଦନ ମୋହନ ମାଝୀ ପ୍ରମୁଖ ପରିଚାଳନା କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁରୁଜୀ ଗୁରୁମା ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରରେ ମୋଟ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରେଡକ୍ରସ ପକ୍ଷରୁ ଡାକ୍ତର ପ୍ରଶାନ୍ତ କୁମାର ବାରିକ, ଏଲଟି ପାର୍ଥ ସାରଥି ପୁହାଣ, ଇତିଶ୍ରୀ ନାୟକ, ଶିତାଂଶୁ କୁମାର ସ୍ୱାଇଁ, ଅଜୟ କୁମାର ଜେନା, ନବୀନ ଚନ୍ଦ୍ର ସେଠୀ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ରକ୍ତ ଶିବିର ପରିଚାଳନା କରିଥିଲେ । ଏହି ଅବସରରେ ସେହିପରି ଯାଜପୁର ରୋଡ ଭୂମିକା ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ ମଧ୍ୟ କରାଯାଇଥିଲା । ମୋଟ ୨୭ଜଣ ଚକ୍ଷୁ ପରୀକ୍ଷା କରିଥିବା ବେଳେ ୭ ଜଣଙ୍କୁ ଅସ୍ତୋପଚାର ପାଇଁ ଚିହ୍ନଟ କରାଯାଇଥିଲା । ରାଜ କିଶୋର ମଲ୍ଲିକ, ପ୍ରଦୀପ କମ୍ମାର ଧଳ, ରମେଶ ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ଧଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଉଭୟ କାର୍ଯ୍ୟକ୍ରମକୁ ଗୁରୁମା ମିନାକ୍ଷି ମିଶ୍ର, ସସ୍ମିତା ମିଶ୍ର, ଜୁଲିରାଣୀ ମିଶ୍ର, ପୁଷ୍ପାଂଜଳୀ ଦ୍ୱିବେଦୀ, ପୁଷ୍ପଲତା ଜେନା, ସଂଗୀତା ନାୟକ, ମାହେଶ୍ୱରୀ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ସୀତାରାମ ସେବା ସମିତି ପକ୍ଷରୁ ସହାୟତା

କୋରେଇ, ୧୨/୩ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୀତାରାମ ସେବା ସମିତି, ଧନପୁର ପକ୍ଷରୁ ରୋଗୀମାନଙ୍କ ଚିକିତ୍ସାରେ ସହାୟତା ପାଇଁ ପ୍ରୟାସ ଜାରି ରଖିଛି । ପଥରପଦା ପଂଚାୟତ ଅନ୍ତର୍ଗତ ତାଜପୁର ଗ୍ରାମର ଦେବେନ୍ଦ୍ର ଚକ୍ରବର୍ତୀଙ୍କ ସ୍ତ୍ରୀ ପୂଜା ଡିଡିନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ତାଙ୍କ ନିକଟରେ ସଦସ୍ୟ ମାନେ ପହଂଚି ତାଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ୩ ହଜାର ଟଙ୍କା ସହାୟତା ଯୋଗାଇଛନ୍ତି । ସେହିପରି ରଗଡି ଗ୍ରାମର ରାଜେନ୍ଦ୍ର ରାଉତଙ୍କ ତିନି ବର୍ଷର ପୁଅ ଦୀପକ ରାଉତ ବୋନ କ୍ୟାନସରରେ ପିଡିତ ଥିବା ଖବର ପାଇଁ ସେଠାରେ ପହଂଚି ଆର୍ଥିକ ସହାୟତା ୩ ହଜାର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୁଧିଷ୍ଠିର ସାହୁ, ପ୍ରମୋଦ ସ୍ୱାଇଁ, ପ୍ରମୋଦ ବୋଇତାଇ,ଅମୀୟ ସାହୁ, ରାମେଶ୍ୱର ସାହୁ, କୃଷ ଚନ୍ଦ୍ର ପାଢୀ, ସୌମ୍ୟରଂଜନ ସାହୁ, ଭୋଳାନାଥ ବାରିକ, ପବିତ୍ର ସ୍ୱାଇଁ, ହରିହର ମାଝୀ ପ୍ରମୁଖ ସହଯୋଗର ହାତ ବଢାଇଥିଲେ ।

# ମଦ ଦୋକାନ ଉଠାଇବାକୁ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, ୧୨/୩ (ନି.ପ୍ର): ମା ମଙ୍ଗଳା ମିଶନଶକ୍ତି ଫେଡେରେଶନ ମହିଳା ମହାସଂଘ ତରଫରୁ ଶତାଧିକ ମହିଳା ଜିଲ୍ଲାପାଳଙ୍କ ଅଫିସ ଆସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।ରାଜନଗର ଥାନା ଅଧିନ ଚାନ୍ଦିବାଉଁଶମୂଳ ପଂଚାୟତର ବାଉଁଶମୂଳ ବଜାରରେ ଠିପିଖୋଲା ମଦ ଦୋକାନକୁ ବିରୋଧ ପରେ ୨୦୧୮ ମସିହାରେ ବନ୍ଦକରି ଦିଆଯାଇଥିଲା । ପୁନଶ୍ଚ ୪ ମାସ ହେବ ଠିପି ଖୋଲା ମଦ ଦୋକାନ ଖୋଲି ବିକ୍ରି କରୁଛନ୍ତି ମଦ ବ୍ୟବସାୟୀ । ହେଲେ ସରକାରଙ୍କ ନିୟମଅଛି ସ୍କୁଲ, କଲେଜ, ମନ୍ଦିର, ମଠରୁ ଦୂରରେ ମଦଦୋକାନ ଖୋଲିବା କଥା । ହେଲେ ଚାନ୍ଦିବାଉଁଶମୂଳ ଛକରେ ଥିବା ସରକାରୀ ଉଚ୍ଚବିଦ୍ୟାଳୟ,ବାଉଁଶମୂଳ ଅଙ୍ଗନୱାଡି କେନ୍ଦ୍ର, ବାଉଁଶମୂଳ ଉ.ପ୍ରା. ବିଦ୍ୟାଳୟକୁ ଲାଗି ଖୋଲା ଯାଇଛି । ଯାହାଫଳରେ କୁନି କୁନି ପିଲାମାନଙ୍କ ପାଇଁ ଭୟର ବାତାବରଣ ସୃଷ୍ଟିକରିଛି । ପୁର୍ବରୁ ମଧ ସେହି ସ୍ଥାନରେ ଦମ ଦୋକାନକୁ ମହିଳା ସଂଗଠନ ପକ୍ଷରୁ ଯୋରଦାର ବିରୋଧ କରାଯାଇ ମଦଦୋକାନକୁ ବନ୍ଦ କରାଯାଇଥିଲା । ଏବେ ପୁନଶ୍ଚ ସେହିସ୍ଥାନରେ ଦୋକାନ ଖୋଲିବାରୁ ବିରୋଧ କରିଥିଲେ ମଧ ମଦଦୋକାନ ମାଲିକ ସାଧାରଣ ଲୋକଙ୍କୁ ଡରେଇ ଧମକେଇ ପୁଣି ସେହି ସ୍ଥାନରେ ମଦଦୋକାନ ଖୋଲି ୪ ମାସ ହେଲାଣି ବ୍ୟବସାୟ କରୁଛନ୍ତି । ମା ମଙ୍ଗଳା ମିଶନଶକ୍ତି ମହିଳାଙ୍କ ଅଭିଯୋଗ ମଦଦୋକାନ ପାଖରେ ଥିବାରୁ ସ୍କୁଲର ଛାତ୍ରମାନେ ମଧ ମଦ ପିଇଦେଉଛନ୍ତି ।ମଦଦୋକାନ ଆଖପାଖରେ ଅସାମାଜିକ ମଦୁଆଙ୍କ ଆଡ୍ଡା ଜମିବାରୁ ଅଙ୍ଗନବାଡିର ଛୋଟଛୋଟ ପିଲାମାନେ ମଧ ଭୟରେ ନଯିବାରୁ ଅଭିଭାବକଙ୍କୁ ସାଙ୍ଗରେ ଯିବାକୁ ପଡୁଛି । ଅଭିଭାବକ ଫେରିବା ବାଟରେ ମଧ ମଦୁଆମାନେ ଅଶ୍ଳୀଳ ଭାଷା ଓ ବ୍ୟବହାର କରୁଥିବା ଭଳି ସଂଗୀନ ଅଭିଯୋଗ ହୋଇଛି ।ଦୀର୍ଘସମୟ ମଦବିରୋଧୀ ସ୍ଲୋଗାନ ମାନ ଦେଇ ବିକ୍ଷୋଭ ପ୍ରଦର୍ଶନ ପରେ ଜିଲ୍ଲା ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରିବା ସହିତ ମଦଦୋକାନ ବନ୍ଦ କରାନଗଲେ ଆଗାମୀଦିନରେ ଜନ ଆନ୍ଦୋଳନ କରିବାପାଇଁ ଚେତାବନୀ ଦେଇଛନ୍ତି ।

# ଚାଲାଣ ଅପେକ୍ଷାରେ ଥିବା ଶତାଧିକ ଗୋରୁଙ୍କୁ ଉଦ୍ଧାର କଲା ପୁଲିସ

କୋରେଇ, ୧୨/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ଅନ୍ତର୍ଗତ ପରଦେଶୀ ଗଡ଼ିଆ ପାଖରେ ୭୦ଟି ଚାଲାଣ ଅପେକ୍ଷାରେ ଥିବା ବେଳେ ଖବରପାଇ ପାଣିକୋଇଲି ପୁଲିସ ଚଢାଉ କରି ଗୋରୁ ଗୁଡ଼ିକୁ ଉଦ୍ଧାର କରିଛି । ପ୍ରକାଶଯେ ସାହାପୁର ହାଟରେ ଗୋରୁ ଚାଲାଣ ବନ୍ଦ ପରେ ନିୟମିତ ଭାବେ ପରଦେଶୀ ଗଡିଆର ଗୋରୁ ବେପାରୀ ଭୋଳାନାଥ ଜେନା ନିଜ ଘର ପାଖରେ ଗୋରୁଙ୍କୁ ରଖି ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲାଣ କରିଥାଏ । ଏ ନେଇ ଭୋଳା ନାମରେ ପାଣିକୋଇଲି ଥାନାରେ ଏକାଧିକ ମାମଲା ରହିଥିବା ସହିତ ଭୋଳା ମଧ୍ୟ ବହୁବାର ଗିରଫ ହୋଇ ଅଦାଲତ ଚାଲାଣ ହୋଇଛି । ମାତ୍ର ଜାମିନରେ ଆସି ଭୋଳା ପୁଣି ଥରେ ନିଜ ବେପାର ଚାଲୁ ରଖିଛି । ତେବେ ଗତକାଲି ୭୦ଟି ଗୋରୁଙ୍କୁ ନିଜ ଘର ପାଖରେ ବାନ୍ଧିଥିବା ବେଳେ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶ ମତେ ଏଏସଆଇ ପ୍ରତାପ ଗଡ଼ନାୟକ ଓ କନେଷ୍ଟବଳ ମନମୋହନ ବାରିକ ସଦଳବଳେ ଚଢାଉ କରିଥିଲେ । ତେବେ ଭୋଳା ପୁଲିସର ଚଢାଉର ଖବର ପାଇ ଫେରାର ହୋଇଯାଇଥିଲା । ତେବେ ଘଟଣାସ୍ଥଳେ ପୁଲିସ ପହଂଚି ଗୋରୁ ଚାଲାଣ ପାଇ ରହିଥିବା ଆଇଛର ଟ୍ରକ (ଓଡି ୦୨ଏଭି ୨୦୮୬)କୁ ଜବତ କରିଥିଲା ।

## କୁକୁର ବି ରକ୍ତଦାନ କରନ୍ତି

ଅନ୍ୟର ଜୀବନ ବଞ୍ଚାଇବା ଲାଗି କେବଳ ମଣିଷ ରକ୍ତଦାନ କରନ୍ତି ନାହିଁ, ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁର ବି ରକ୍ତଦାନ କରି ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ । କୁକୁରଙ୍କଠାରୁସଂଗୃହୀତ ରକ୍ତ ପୋଷା କୁକୁର ଏବଂ ବିଲେଇଙ୍କର ମଧ୍ୟ ଜୀବନ ରକ୍ଷା କରିପାରେ । ଏପରିକି ବୁଲା କୁକୁରଙ୍କଠାରୁ ମଧ୍ୟ ରକ୍ତ ସଂଗ୍ରହ କରାଯାଇପାରିବ । ପଶୁ ଚିକିତ୍ସକଙ୍କ କହିବା ଅନୁସାରେ, ମଣିଷ କପରି କୁକୁରଙ୍କ ରକ୍ତରେ ମଧ୍ୟ ପ୍ଲେଟଲେଟସ, ପ୍ଲାଜମା, ଆରବିସି, ଡବ୍ଲୁବିସି ରହିଥାଏ । ଏମାନଙ୍କର ତିନିପ୍ରକାର ଗ୍ରୁପ୍, ରହିଛି-ଟି , ଓ, ଜି । ମଣିଷ ରକ୍ତ ତୁଳନାରେ କୁକୁର ରକ୍ତ ଅଧିକ ସମୟ, ଅର୍ଥାତ ୬ମାସ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରେ । କୌଣସି ରୋଗ ତଥା ଅସ୍ତ୍ରୋପଚାର ସମୟରେ କୁକୁରକୁ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ଲାବ୍ରାଡର ଜର୍ମାନ ଶେଫର୍ଡ ଏବଂ ଡୋବରମ୍ୟାନ ପରି କୁକୁର ପ୍ରାୟତଃ ଏନିମିଆ ର ଶିକାର ହୋଇଥାନ୍ତି । ତେଣୁ ଏମାନଙ୍କୁ ଅନେକ ସମୟରେ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ବର୍ଷକରୁ ୭ବର୍ଷ ବୟସର କୌଣସି ସୁସ୍ଥ କୁକୁର ରକ୍ତଦାନ କରିପାରିବେ । ଥରକେ ଗୋଟିଏ କୁକୁର ୧ ୟୁନିଟ୍ ବା ୩୫୦ ମିଲି ରକ୍ତଦାନ କରିପାରେ । ଥରେ ରକ୍ତଦାନ କରିବାର ୪୫ଦିନ ଯାଏ କୁକୁରଠାରୁ ଆଉ ରକ୍ତ ନିଆଯାଇପାରିବ ନାହିଁ । ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ହସପିଟାଲ ଆସିଥିବା ବୁଲା କୁକୁର ଚିକତ୍ସା ପରେ ସେହିଠାରେ ରହିଯାନ୍ତି ଏବଂ ପରେ ଆବଶ୍ୟକ ସମୟରେ ସେମାନେ ରକ୍ତଦାନ କରି ବହୁ ଦାମୀ ପୋଷାକୁକୁରଙ୍କ ଜୀବନ ରକ୍ଷା କରିପାରନ୍ତି ।



## ମିଠା ପୁରି



**ଆବଶ୍ୟକ ସାମଗ୍ରୀ:** କ୍ଷୀର, ଘିଅ, ମଇଦା, ଗ୍ରାଇଣ୍ଡିଂ ହୋଇଥିବା ଚିନି, ତେଲ, ଗ୍ରାଇଣ୍ଡିଂ ହୋଇଥିବା ନଡ଼ିଆ, ଗୁଜରାତି ଗୁଣ୍ଡ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଇଦା ନିଅନ୍ତୁ। ସେଥିରେ ଚିନି ପାଉଡର, ଗ୍ରାଇଣ୍ଡି ହୋଇଥିବା ନଡ଼ିଆ,ଗୁଜରାତି ଗୁଣ୍ଡ ଏବଂ ଘିଅ ପକାଇ ଭଲ ଭାବରେ ଗୋଳାନ୍ତୁ। ପରେ ଏଥିରେ କ୍ଷୀର ପକାଇ ଭଲ ଭାବରେ ଚକଟି ଦିଅନ୍ତୁ। ଚକଟା ହୋଇଥିବା ମଇଦାକୁ କିଛି ସମୟ ପାଇଁ ଘୋଡ଼ାଇ ରଖନ୍ତୁ। ପରେ ମଇଦାକୁ ବାହାର କରି ଛୋଟ ଛୋଟ ଗୋଳା କରନ୍ତୁ ଏବଂ ପୁରି ସାଇଜରେ ବେଲନ୍ତୁ।

ଏବେ କରେଇରେ ତେଲ ଗରମ କରନ୍ତୁ। ସେଥିରେ ବେଲା ହୋଇଥିବା ପୁରିକୁ ପକାନ୍ତୁ। ପୁରି ଟିକେ ଫିକା ନାଲି ରଙ୍ଗରେ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏହା ପରେ ଏହାକୁ ଏକ ଥାଳିରେ ବାହାର କରି ରଖନ୍ତୁ। ପ୍ରସ୍ତୁତ ହୋଇଗଲା ମିଠା ପୁରି।

## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଭୋଜନର ଆବଶ୍ୟକତା



ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ପ୍ରତ୍ୟେକ ବର୍ଗ ତଥା ବୟସର ଲୋକ ଭୋଜନ ଉପରେ ଗୁରୁତ୍ୱ ଦେବା ଜରୁରୀ । ଯେପରି ସକାଳ ଜଳଖିଆରେ ଏକେ ଲୋକେ ସ୍ୱାସ୍ଥ୍ୟପ୍ରଦ ଭୋଜନ ଭାବେ ଓଟ୍ସ ଖାଉଛନ୍ତି । ପୋଷକତତ୍ତ୍ୱ ଭରପୂର ଏଇ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ, କିନ୍ତୁ କେବଳ ଏହା ଖାଇଲେ ଶରୀରକୁ ଶକ୍ତି ମିଳିଥାଏ, ତାହା ଭାବିବା ଭୁଲ । ଏଣୁ ଆମିଷ ଖାଉଥିବା ଲୋକେ ବ୍ରେଡ୍ ଆମଲେଟ୍, କିମ୍ବା ସିଝା ଅଣ୍ଡା ଖାଇପାରନ୍ତି । ନଚେତ୍ ଅନ୍ୟମାନେ ରୁଟି ଦୁଇପଟ ସହ ସିଝା ତରକାରି ମଧ୍ୟ ଖାଇପାରିବେ୨ । ଏହା ସହ ଆପଣ ନିଜ ପ୍ରିୟ ଚା ଓ କଫି ପିଇଲେ ମଧ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼େନାହିଁ । ଅନ୍ୟପାଖେ ସକାଳର ଆରମ୍ଭ ଯଦି ଗୋଟିଏ କଦଳୀ ଖାଇ ଅବା ଫ୍ରୁଟ୍ ସାଲାଡରେ ଆରମ୍ଭ ହୁଏ, ତାହା ବି ଉତ୍ତମ । ରାତିବେଳା ଭୋଜନ ୮ଟା ମଧ୍ୟରେ କରିବା ଉଚିତ । କାରଣ ଏପରି କଲେ ଖାଦ୍ୟ ହଜମ ହେବା ପାଇଁ ପର୍ଯ୍ୟପ୍ତ ସମୟ ମିଳିଥାଏ । ପ୍ରାଚୀନ କାଳରେ ଲୋକେ ସନ୍ଧ୍ୟା ସମୟରେ ହିଁ ରାତ୍ରିଭୋଜନ ଶେଷ କରୁଥିଲେ । ଏହା ଅନ୍ୟତମ କାରଣ ଥିଲା ସେମାନଙ୍କ ନୀରୋଗ ଓ ସୁସ୍ଥ ଜୀବନଶୈଳୀର । ରାତି ଭୋଜନରେ ଅଧିକ ତେଲମସଲା ନ ଖାଇ ହାଲକା ଭୋଜନ କରନ୍ତୁ । ଭୋଜନର ଠିକ୍ ପରେପରେ ଶୋଇ ନଯାଇ କିଛି ଚଲାବୁଲା କରିବା ଉଚିତ । ଦ୍ୱିପ୍ରହର ଭୋଜନକୁ ମଧ ଗୁରୁତ୍ୱ ଦିଅନ୍ତୁ । ଏଥିରେ ସାଲାଡ, ଭାତ ଡାଲି ଓ ତରକାରି ଖାଆନ୍ତୁ । ଅନ୍ୟ ସମୟରେ ଭୋକ ଲାଗିଲେ ଏଣୁତେଣୁ ନ ଖାଇ ବରଂ ବାଦାମ ଭଜା, ଚୁଡ଼ା ଭଜା ଇତ୍ୟାଦି ଜଳଖିଆ ଖାଇବା ଉଚିତ । ଏତ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏସବୁ ଭୋଜନର ନିତାନ୍ତ ଆବଶ୍ୟକତା ରହିଛି । ଦୈନିକ ନିଜ ଖାଦ୍ୟରେ ଗାଜର, ବ୍ରୋକୋଲି,ଫୁଲକୋବି, ବିନ୍ସ, ବିଟ୍ ଇତ୍ୟାଦି ସାମିଲ କରିବାକୁ ଚେଷ୍ଟା କରନ୍ତୁ । ଏସବୁ ପରିବା ସହଜରେ ହଜମ ହେବା ସହ ଶରୀରକୁ ପର୍ଯ୍ୟପ୍ତ ପରିମାଣରେ ଶକ୍ତି ଯୋଗାଇଥାଏ ।





## କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ। ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି। ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ। ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ। କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ। ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍ସକୁ ନଷ୍ଟ କରିଦେଇଥାଏ। ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ। ତେଣୁ ଏମ୍ଆଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା। ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା। ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା। ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି।

## ଖାଇବା ପରେ ନିଦ ଲାଗେ କାହିଁକି ?



ବହୁତ ଲୋକ ଅଛନ୍ତି, ଯାହାଙ୍କୁ ଖାଦ୍ୟ ଖାଇସାରିଲା ପରେ ନିଦ ଆସିଥାଏ । ଏହା ଏକ ସାଧାରଣ କଥା । ଖାଦ୍ୟ ଖାଇଲା ପରେ ଶରୀରରେ ପାଚନ ପ୍ରକ୍ରିୟା ହୋଇଥାଏ, ଫଳରେ ଶରୀରରେ କିଛି କେମିକାଲ ପରିବର୍ତ୍ତନ ଦେଖାଯାଇଥାଏ । ସବୁ ସମୟ ଖାଇବା ପରେ ଯଦି ଆପଣଙ୍କୁ ନିଦ ଲାଗିଥାଏ, ତେବେ ଏହା ଏକ ଖରାପ କଥା । ଏହାଦ୍ୱାରା ଶରୀର ଉପରେ କୁପ୍ରଭାବ ପଡ଼ିଥାଏ । ଏଥିପାଇଁ ଆପଣ ବିଶେଷଜ୍ଞ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

ଆମ ପେଟ ଖାଦ୍ୟରେ ପୂର୍ଣ୍ଣ ହୋଇଥାଏ, ନିଦ ଲାଗିଥାଏ । ଏହାର କାରଣ ବହୁତ ପ୍ରକାର ଥାଏ । ଯେପରି କେଉଁ ପ୍ରକାର ଖାଦ୍ୟ ଗ୍ରହଣ କରିବା, କିପରି ଶୋଇବା, ସ୍ୱାସ୍ଥ୍ୟର ଅବସ୍ଥା ଇତ୍ୟାଦି । ଶରୀର କାର୍ଯ୍ୟକ୍ଷମ କରିବା ପାଇଁ ଶକ୍ତିର ଆବଶ୍ୟକ ଏବଂ ଶକ୍ତି ଖାଦ୍ୟରୁ ମିଳେ । ଖାଦ୍ୟ ଖାଇସାରିଲା ପରେ ପାଚନ ପ୍ରକ୍ରିୟା ସମୟରେ ଶରୀର ଖାଦ୍ୟର ପୋଷକ ତତ୍ତ୍ୱକୁ ଭାଙ୍ଗି ଏହାକୁ ଗ୍ଲୁକୋଜରେ ପରିଣତ କରାଇଥାଏ । ଏହି ଗ୍ଲୁକୋଜ ପରେ ଶକ୍ତିରେ ପରିଣତ ହୋଇଥାଏ । ଖାଦ୍ୟ ଖାଇସାରିଲା ପରେ ଶରୀରରୁ ଆମିଲିନ, ଗ୍ଲୁକାଗୋନ୍ ଏବଂ କୋଲେସିଷ୍ଟୋକେନିନ୍ ନାମକ କେତେକ ହରମୋନ୍ ନିର୍ଗତ ହୋଇଥାଏ । ଏହି ହରମୋନକୁ କୋଷ ଶକ୍ତିରେ ପରିଣତ କରାଇଥାଏ । ଏହି ସମୟରେ ମସ୍ତିଷ୍କରେ ସେରୋଟୋନିନ୍ ନିର୍ଗତ ହୋଇଥାଏ, ଯାହା ନିଦ କରାଇଥାଏ ଶରୀର ସବୁପ୍ରକାର ଖାଦ୍ୟ ପଦାର୍ଥକୁ ଏହିପରି ପାଚନ କରିଥାଏ, କିନ୍ତୁ କେତେକ ଗରିଷ୍ଠ ଖାଦ୍ୟରେ ପ୍ରୋଟିନର ପରିମାଣ ଅଧିକ ଥିବାରୁ ନିଦ ଲାଗିଥାଏ । ଯେପରି ଭାତ, ମାଂସ, ଛେନା, ଅଣ୍ଡା, ଚିଜ୍, ମାଛ, ସୋୟାବିନ୍ ଆଦି । ସେଥିପାଇଁ ଏହିପରି ଗରିଷ୍ଠ ଖାଦ୍ୟ କମ୍ ଖାଇବା ଉଚିତ୍ ।



## ବୟସ ମାନିଛି ହାର ! ୭୨ ବର୍ଷରେ ରାଧାମଣି ଚଳାଉଛନ୍ତି ଲରି, ବସ୍, ଜେସିବି, କ୍ରେନ୍, ଟ୍ରେଲର,ରୋଡ୍ ରୋଲର ଭଳି ୧୧ ପ୍ରକାରର ଭାରିଯାନ





ବୟସ ହାର ମାନିଛି କୋଚିର ୭୨ ବର୍ଷବୟସ୍କା ରାଧାମଣି ଆମ୍ମାଙ୍କ ନିକଟରେ। ୭୨ ବର୍ଷ ବୟସରେ ରାଧାମଣି ଚଳାଉଛନ୍ତି ଲରି, ବସ୍, ଜେସିବି, କ୍ରେନ୍, ଟ୍ରେଲର, ଫର୍କଲିଫ୍ଟ, ରୋଡ୍ ରୋଲର, ଦୁଇ ଚକିଆ ଯାନ, ଅଟୋ ଏବଂ ଅନ୍ୟ ଚାରି ଚକିଆ ଯାନ ସମେତ ୧୧ ପ୍ରକାରର ଭାରୀଯାନ। ଗାଡ଼ି ଚଳାଇବା ପାଇଁ ତାଙ୍କ ନିକଟରେ ବିଧିବଦ୍ଧ ଲାଇସେନ୍ସ ମଧ୍ୟ ରହିଛି।

ଏହି ବିରଳ ସଫଳତାର ଅଧିକାରିଣୀ ହୋଇ କୋଚିର ଥୋପମ୍ପଡିର ରାଧାମଣି ଆମ୍ମା ପ୍ରମାଣିତ କରିଛନ୍ତି ଯେ ବୟସ କଦାପି କୌଣସି ଜିନିଷ ପାଇଁ ପ୍ରତିବନ୍ଧକ ନୁହେଁ। ୭୨ ବର୍ଷବୟସ୍କା ରାଧାମଣି ଆମ୍ମା ପ୍ରଥମେ ୧୯୮୧ରେ କାର ଚଳାଇବା ଶିଖିଥିଲେ, ଯାହା କେବଳ ଆରମ୍ଭ ଥିଲା। ପରେ ତାଙ୍କ ଜୀବନ ଡ୍ରାଇଭିଂ କ୍ଷେତ୍ରରେ ଶିଖର ଛୁଇଁବା ସହ ତାଙ୍କର ଉଚ୍ଚ ସ୍ୱପ୍ନକୁ ସାକାର କରିଥିଲା। ସେ ଲରି, ବସ୍, ଜେସିବି, କ୍ରେନ୍, ଟ୍ରେଲର, ଫର୍କଲିଫ୍ଟ, ରୋଡ୍ ରୋଲର, ଦୁଇ ଚକିଆ ଯାନ, ଅଟୋ ଏବଂ ଶେଷରେ ପେଟ୍ରୋଲିୟମ ଉତ୍ପାଦ ପରିବହନ କରୁଥିବା ବିପଦଜନକ ଯାନ ଚଳାଇବା ପାଇଁ ଲାଇସେନ୍ସ ଅର୍ଜନ କରିଥିଲେ।

୧୯୮୧ରେ ତାଙ୍କ ସ୍ୱାମୀ ଲାଲାନ ତାଙ୍କୁ ଗାଡି ଚଳାଇବା ଶିଖିବାକୁ ପ୍ରେରଣା ଦେବା ପରେ ରାଧାମଣିଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା। ତାଙ୍କ ସ୍ୱାମୀ ୧୯୭୦ ଦଶକରେ କୋଚିରେ ଏ-ଜେଡ୍ ନାମରେ ଏକ ଡ୍ରାଇଭିଂ ସ୍କୁଲ ଚଳାଉଥିଲେ। ୨୦୦୪ରେ ତାଙ୍କର ମୃତ୍ୟୁ ପରେ, ଏହାକୁ ବର୍ତ୍ତମାନ ରାଧାମଣି ଏବଂ ତାଙ୍କ ପିଲାମାନେ ଚଳାଉଛନ୍ତି।

ଏକ ସମୟରେ ଯେତେବେଳେ କେରଳରେ ଭାରୀଯାନ ପାଇଁ ଡ୍ରାଇଭିଂ ଲାଇସେନ୍ ?ସ ପାଇବା ପାଇଁ କୌଣସି ତାଲିମ ଅନୁଷ୍ଠାନ ନଥିଲା, ସେତେବେଳେ ଆଇନଗତ ଯୁଦ୍ଧ ଲଢି ଏପରି ଏକ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ ରାଧାମଣିଙ୍କ ସ୍ୱାମୀ। ରାଧାମଣି କହିଛନ୍ତି ଯେ ଭାରୀଯାନ ଚଳାଇବା ପାଇଁ ଲାଇସେନ୍ସ ପାଇବା ପାଇଁ ସେ କେରଳରେ ପ୍ରଥମ ତାଲିମ ପ୍ରତିଷ୍ଠାନ ଆରମ୍ଭ କରିଛନ୍ତି।

ରାଧାମଣି କହନ୍ତି, 'ମୁଁ ପ୍ରଥମେ ଏକ ଚାରିଚକିଆ ଯାନ ଚଳାଇବା ଆରମ୍ଭ କଲି। କାରଣ ମୋ ସ୍ୱାମୀ ଏଥିରେ ଆଗ୍ରହୀ ଥିଲେ। ପରେ, ଯେତେବେଳେ ଡ୍ରାଇଭିଂ ସ୍କୁଲ୍ ଆରମ୍ଭ ହେଲା, ଆମକୁ ଏକ ଭାରୀଯାନ ଲାଇସେନ୍ସ ଆବଶ୍ୟକ ହେଲା, ଏବଂ ଏହି କ୍ରମରେ ମୁଁ ଏହାକୁ ପାଇଲି। କେରଳରେ ଏକ ଭାରୀଯାନ ଡ୍ରାଇଭିଂ ସ୍କୁଲ ଖୋଲିବାରେ ମୁଁ ପ୍ରଥମ ବ୍ୟକ୍ତି। ଯେହେତୁ ଏହା ମୋ ନାମରେ ଆରମ୍ଭ ହୋଇଥିଲା। ରାଧାମଣି ଆମ୍ମା କହନ୍ତି, ମୁଁ ୨୦୧୪ରେ ରୋଡ୍ ରୋଲର, ଟ୍ରାକ୍ଟର, କ୍ରେନ୍ ଏବଂ ଫର୍କଲିଫ୍ଟ ଯାନ ଚଳାଇବା ପାଇଁ ଲାଇସେନ୍ସ ପାଇଲି।

ଚାରି ଦଶନ୍ଧି ପୂର୍ବେ, ତାଙ୍କୁ ଏ ପେସାରେ ଦେଖି ଲୋକେ ପରିହାସ କରୁଥିଲେ। କିନ୍ତୁ, ଆଜି, ଅନେକ ଲୋକ ତାଙ୍କ କାହାଣୀ ଶୁଣିବା ପରେ ତାଙ୍କୁ ଦେଖିବାକୁ ଆସୁଛନ୍ତି। ତାଙ୍କ ଜୀବନ ଆଜି ସେମାନଙ୍କ ପାଇଁ ଏକ ପ୍ରେରଣା ପାଲଟିଛି। ରାଧାମଣି କହିଛନ୍ତି ଯେ ଜେସିବି ଚଳାଇବା ସବୁଠାରୁ କଷ୍ଟକର ଥିଲା। ଡ୍ରାଇଭିଂ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅନେକ ଚାକିରି ସୁଯୋଗ ଅଛି। ଏହା ସ୍ୱାଗତଯୋଗ୍ୟ ଯେ ଅନେକ ମହିଳା ଆଜି ଡ୍ରାଇଭିଂକୁ ଏକ ଉତ୍ସାହ ଭାବରେ ଗ୍ରହଣ କରୁଛନ୍ତି। ଡ୍ରାଇଭିଂ କ୍ଷେତ୍ରରେ ଏକ ବଡ଼ ବିପ୍ଲବ ସୃଷ୍ଟି କରିବା ପରେ ରାଧାମଣି ଆମ୍ମା ବର୍ତ୍ତମାନ ଅଟୋମୋବାଇଲ ଇଞ୍ଜିନିୟରିଂରେ ଡିପ୍ଲୋମା ପାଇବାକୁ ଚେଷ୍ଟା କରୁଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚନ୍ଦ୍ରାବାବୁଙ୍କ ଚାଲ୍...

ପରିଶେଷରେ ଆନ୍ଧ୍ରପ୍ରଦେଶରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ତା'ର ପାଦକୁ ଦୃଢ଼ ଭାବରେ ଥାପିବାକୁ ସକ୍ଷମ ହୋଇଛି, ଯେଉଁ ରାଜ୍ୟରେ ଖୁବ୍ ଶୀଘ୍ର ଲୋକସଭା ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ରାଜ୍ୟର ସମସ୍ତ ୧୭୫ଟିଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିଜର ପ୍ରାର୍ଥୀ ଦେଇ ବିଜୟ ଲାଭ କରିବାକୁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନିଜର 'ସିଦ୍ଧମ୍' (ପ୍ରସ୍ତୁତ ଥିବା) ପ୍ରଚାର ଚଳାଇ ନିଜ ଦଳର ନେତୃବୃନ୍ଦ ଏବଂ କ୍ୟାଡରମାନଙ୍କ ମନୋବଳକୁ ବୃଦ୍ଧି କରିବା ସହିତ ନିଜକୁ ଅପ୍ରତିଦ୍ୱନ୍ଦୀ ଭାବରେ ଦର୍ଶାଇବାରେ ଲାଗି ପଡ଼ିଥିବା ବେଳେ ଶନିବାର ଦିନ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି), ଯାହା ୨୦୧୮ରେ ଏନ୍‌ଡିଏର ହାତ ଛାଡ଼ିଥିଲା, ତାହା ପୁଣିଥରେ ଏହା ସହିତ ହାତ ମିଳାଇ ବିଜେପି ଏବଂ ଜନ ସେନା ସହିତ ଆସନ ବୁଝାମଣା କାରବାର ସମ୍ପନ୍ନ କରିଛି। ଟିଡିପିର ଏହି କାର୍ଯ୍ୟ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ରାଜନୀତିକ ପଡ଼ିଆକୁ ଖୋଲା ମଇଦାନରେ ପରିଣତ କରିଛି ଏକ ସଂଘର୍ଷପୂର୍ଣ୍ଣ ଲଢ଼େଇ ନିମନ୍ତେ, ଯାହା ଏବେ ଶାସନ କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସ ଦଳ (ୱାଇଏସ୍‌ଆରସିପି) ଏବଂ ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱାଧୀନ ଟିଡିପିର ପ୍ରାଧାନ୍ୟ ବିସ୍ତାର ଦ୍ୱାରା ଏକ ଦ୍ୱିଦଳୀୟ ରାଜନୀତିର କେନ୍ଦ୍ର ଥିଲା। ମଜାର କଥା ହେଉଛି, ଏହି ମେଣ୍ଟରେ ଯୋଗ ଦେଇଥିବା ମେଗାଷ୍ଟାର୍ ଚିରଞ୍ଜିବୀଙ୍କ ସାନଭାଇ ଟଲିଉଡ୍‌ର 'ପାୱାରଷ୍ଟାର କେ ପୱନ୍ କଲ୍ୟାଣଙ୍କ ନେତୃତ୍ୱରେ ପରିଚାଳିତ ଜନ ସେନା ପାର୍ଟି (ଜେଏସ୍) ଆଗରୁ ପୃଥକ୍ ପୃଥକ୍ ଭାବରେ ତେଲେଙ୍ଗାନାରେ ବିଜେପିର ଏବଂ ଆନ୍ଧ୍ରପ୍ରଦେଶରେ ଟିଡିପିର ମେଣ୍ଟ ଭାଗିଦାର ଭାବରେ ଅଛି। ତିନି ଥର ମୁଖ୍ୟମନ୍ତ୍ରୀ ଭାବରେ ଆନ୍ଧ୍ରପ୍ରଦେଶକୁ ଶାସନ କରିଥିବା ଏନ୍ ଚନ୍ଦ୍ରାବାବୁ ନାଇଡୁ ୧୯୯୬ରେ ବିଜେପିକୁ କ୍ଷମତାକୁ ଆସିବାରୁ ରୋକିଥିଲେ। ତା'ପରେ ସେ ଏଚ୍‌ଡି ଦେବେଗୌଡ଼ା ଏବଂ ଆଇକେ ଗୁଜରାଲଙ୍କ ଦ୍ୱାରା ଗଠନ କରାଯାଇଥିବା ସରକାରମାନଙ୍କ ସହିତ ମେଣ୍ଟ କରିବାରେ ସକ୍ଷମ ହୋଇଥିଲେ, ଯାହାକି କାର୍ଯ୍ୟକାଳ ପୂର୍ଣ୍ଣ କରି ପାରି ନଥିଲା। ଏହା ପରେ ପରେ ସେ ଏନ୍‌ଡିଏରେ ଏକ ବଡ଼ ଭାଗିଦାର ଭାବରେ ଯୋଗ ଦେଇଥିଲେ ଏବଂ ଅଟଳ ବିହାରୀ ବାଜପେୟୀଙ୍କୁ ଦୁଇ ଥର ପ୍ରଧାନମନ୍ତ୍ରୀ ହେବାରେ ସକ୍ଷମ କରାଇ ଥିଲେ। ୨୦୦୪ରେ ବିଜେପି କେନ୍ଦ୍ରରେ ଶାସନ କ୍ଷମତା ହରାଇବା ପରେ ସେ ଏନ୍‌ଡିଏର ହାତ ଛାଡ଼ିଥିଲେ। ୨୦୧୪ ଲୋକସଭା ନିର୍ବାଚନ ପୂର୍ବରୁ ସେ ପୁଣିଥରେ ଏନ୍‌ଡିଏରେ ଯୋଗ ଦେଲେ ଏବଂ ବିଜେପି, ଟିଡିପି ଓ ପୱନ୍ କଲ୍ୟାଣ- ଏହି ତ୍ରିଶକ୍ତି ଆନ୍ଧ୍ରପ୍ରଦେଶରେ ବିଧାନସଭା ଓ ଲୋକସଭା ନିର୍ବାଚନରେ ବିଜୟୀ ହେଲେ। କିନ୍ତୁ ପାଞ୍ଚ ବର୍ଷ ପୂର୍ଣ୍ଣ ହେବା ପୂର୍ବରୁ ସେ ପୁଣିଥରେ ମେଣ୍ଟ ହାତ ଛାଡ଼ିଲେ ଏବଂ ୨୦୧୯ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିରୋଧ କରି କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ)ରେ ଯୋଗ ଦେଲେ। ଆଉ ଏହା ପରେ ତାଙ୍କ ଦଳ ୱାଇଏସ୍ ଜଗନ୍ ମୋହନ ରେଡ୍ଡୀଙ୍କ କଂଗ୍ରେସ ଦଳ ଦ୍ୱାରା ପରାଜିତ ହେଲା। ବିଗତ ପାଞ୍ଚ ବର୍ଷ ଭିତରେ ସ୍ଥିତିଗତ ସଂକଟର ସମ୍ମୁଖୀନ ହୋଇ ଶ୍ରୀଯୁକ୍ତ ନାଇଡୁ ପ୍ରାୟ ବର୍ଷେ ହେବ ମୋଦୀ-ଶାହ ଯୋଡ଼ିଙ୍କ ଅନୁଗ୍ରହ ଲାଭ କରିବାକୁ କଠିନ ପରିଶ୍ରମ କରି ଆସୁଥିଲେ, ଆଉ ଶେଷରେ ତାଙ୍କ ପରିଶ୍ରମର ଫଳ ଏବେ ମିଳିଛି। ସେ ନିଶ୍ଚିତ ଭାବରେ ଜାଣି ପାରିଥିବେ ଯେ ଜଗନ୍ ମୋହନ ରେଡ୍ଡୀଙ୍କୁ ଏକାକୀ ସେ ହରାଇବାରେ ସମର୍ଥ ହୋଇ ପାରିବେ ନାହିଁ। ସମ୍ପ୍ରତି ଏନ୍‌ଡିଏ ମେଣ୍ଟରେ ଶ୍ରୀଯୁକ୍ତ ନାଇଡୁଙ୍କ ଯୋଗଦାନ ପରେ ଏହି ମେଣ୍ଟ ଆନ୍ଧ୍ରପ୍ରଦେଶରେ କେତେଦୂର ପ୍ରଭାବ ପକାଇ ପାରିବ ବା ଏହାର ଆଗାମୀ ବିଧାନସଭା ନିର୍ବାଚନରେ କିପରି ଫଳାଫଳ ବହନ କରି ଆଣିବ, ତାହା ନିଶ୍ଚିତ କରି କହିହେବ ନାହିଁ, ତେବେ ଏହା କିନ୍ତୁ କହିହେବ ଯେ ଏନ୍‌ଡିଏ ମେଣ୍ଟରେ ଯୋଗ ଦେବା ଶ୍ରୀଯୁକ୍ତ ନାଇଡୁଙ୍କୁ ଭଲ ସୁଯୋଗ ପ୍ରଦାନ କରିବ। ଶ୍ରୀଯୁକ୍ତ ନାଇଡୁ, ଯିଏକି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସହିତ ମେଣ୍ଟକୁ ଆନ୍ଧ୍ରପ୍ରଦେଶ ଏବଂ ସାରା ଭାରତରେ ଏକ ବିଜୟ ଲାଭ କରିବାର ସ୍ଥିତିକୁ ନେଇ ଆସିବ ବୋଲି କହିଛନ୍ତି, ତାଙ୍କୁ କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ସହିତ ମିଳିତ ଭାବରେ ଜନତାଙ୍କୁ ସମ୍ବୋଧନ କରିବାର ସୁଯୋଗ ଦିଆଯାଇ ନାହିଁ, କାରଣ ଅତୀତରେ ସେ ଏନ୍‌ଡିଏ ଛାଡ଼ିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଅତି କଟୁ ଭାଷାରେ ଗାଳି କରିଥିଲେ। ତାଙ୍କୁ କେବଳ ତିନି ଦଳ ଏକାଠି ମିଶି ନିର୍ବାଚନଗୁଡ଼ିକ ଲଢ଼ିବା ବାବଦରେ ଏକ ସରକାରୀ ବିବୃତି ପ୍ରକାଶ କରିବା ସହିତ ଶ୍ରୀଯୁକ୍ତ ଶାହ ଏବଂ ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ସଙ୍ଗେ ମିଶି ଏକ ଫଟୋ ଛାଡ଼ିବାର ଅନୁମତି ଦିଆଯାଇଛି। ଏହି ମେଣ୍ଟ ଆଗାମୀ ସମୟରେ ଏକ ଅଜେୟ ୱାଇଏସ୍‌ସିପି ଏବଂ ଶ୍ରୀଯୁକ୍ତ ରେଡ୍ଡୀଙ୍କ ରୂପରେ ଜଣେ ଲୋକପ୍ରିୟ ନେତାଙ୍କୁ ସାମ୍ନା କରିବା ବ୍ୟତୀତ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ଏବଂ ସାମାଜିକ ପରିଚାଳନା ସମ୍ବଳିତ ଆହ୍ୱାନଗୁଡ଼ିକର ମଧ୍ୟ ସମ୍ମୁଖୀନ। ଗୋଟିଏ ପକ୍ଷରେ ଅସମର୍ଥିତ ସୂତ୍ରଗୁଡ଼ିକ ଯେତେବେଳେ ସୂଚନା ଦେଉଛନ୍ତି ଯେ ଆନ୍ଧ୍ରପ୍ରଦେଶର ୨୫ଟି ଲୋକସଭା ଆସନ ମଧ୍ୟରୁ ଟିଡିପି ୧୭ଟିରେ ବିଜୟ ଲାଭ କରିବ, ଯେଉଁଥିରେ ସାମ୍ପ୍ରତିକ ଆସନ ବୁଝାମଣା ଅନୁସାରେ ବିଜେପି ଛଅଟିରେ ଏବଂ ଜେଏସ୍‌ପି ଦୁଇଟିରେ ପ୍ରାର୍ଥୀ ଦେବେ, ତେବେ ପୂର୍ବରୁ ଏମାନଙ୍କ ମଧ୍ୟରେ ବହୁ ଅସନ୍ତୁଷ୍ଟ ଉପାଦାନମାନ ରହିଛି, ଯେଉଁମାନେ ଶେଷ ମୁହୂର୍ତ୍ତରେ ବିଦ୍ରୋହ କରିବାକୁ ପଛାଇ ନ ପାରନ୍ତି। ସମ୍ପ୍ରତି ଏହି ମେଣ୍ଟ ଆଶା କରୁଛି ଯେ ଶ୍ରୀଯୁକ୍ତ ମୋଦୀଙ୍କ ନେତୃତ୍ୱ ସେମାନଙ୍କୁ ସେଇ ଧାର ଆଣିଦେବ ଯାହା ଶ୍ରୀଯୁକ୍ତ ରେଡ୍ଡୀଙ୍କ ସହିତ ଲଢ଼େଇ କରିବା ପାଇଁ ଆବଶ୍ୟକ ଏବଂ ଶ୍ରୀଯୁକ୍ତ ନାଇଡୁ, ଯିଏକି କେବେହେଲେ ଏକୁଟିଆ ନିଜ ବଳରେ କ୍ଷମତାକୁ ଆସି ପାରି ନାହାନ୍ତି ବା ନିର୍ବାଚନରେ ବିଜୟ ଲାଭ କରି ପାରି ନାହାନ୍ତି, ତାଙ୍କ ଉପରେ ପୁଣିଥରେ ଭାଗ୍ୟଦେବୀ ପ୍ରସନ୍ନ ହେବେ।

# ଗଣତନ୍ତ୍ରରେ ଟଙ୍କାର ପ୍ରଭାବ



## ଅଧ୍ୟାପକ ଗୋପବନ୍ଧୁ

ଗଣତନ୍ତ୍ର ଏକ ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ଚେତନାରୁ ଜାତ ମାନବୀୟ ବ୍ୟବସ୍ଥା। ଯେଉଁ ବ୍ୟବସ୍ଥା ଅନିୟନ୍ତ୍ରିତ ସଂଖ୍ୟାଧିକ ମତ ବା ସମର୍ଥନ ଉପରେ ନିର୍ଭରଶୀଳ। ସାମାଜିକ ଜୀବନରେ ମଧ୍ୟ ଏହା ପ୍ରତିଫଳିତ ହୁଏ। ସଂଖ୍ୟାଧିକ ଲୋକ ଯେଉଁ ବିଷୟକୁ ସମର୍ଥନ କରନ୍ତି ତାହା ସର୍ବମାନ୍ୟ ସାମାଜିକ ନିୟମ ହୁଏ। ତେବେ ଗଣତନ୍ତ୍ର ଶବ୍ଦକୁ ଶାସନ ବ୍ୟବସ୍ଥାର ସର୍ବୋତ୍କୃଷ୍ଟ ମାଧ୍ୟମ ଭାବେ ବ୍ୟବହାର କରାଯାଏ। ଆଧୁନିକ ରାଜନୀତିର ଏହା ସର୍ବାଦୃତ ଶାସନ ବ୍ୟବସ୍ଥା। ରାଜନୀତିରେ ଏହା ସଂଖ୍ୟାଧିକର ଶାସନ ବ୍ୟବସ୍ଥାକୁ ବୁଝାଏ। ଏହି ସଂଖ୍ୟାଧିକ ଆକଳନରେ ବ୍ୟକ୍ତିର ମୁକ୍ତ ଓ ସ୍ୱେଚ୍ଛାକୃତ ସମର୍ଥନ ରହିବା ଆବଶ୍ୟକ। ସଂଖ୍ୟାଧିକତାର ପ୍ରଦର୍ଶନ ପାଇଁ ବ୍ୟକ୍ତି ଉପରେ ଚାପ ପ୍ରୟୋଗ ଅଥବା ପ୍ରଲୋଭନ ଆଦୌ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା ନୁହେଁ। ବ୍ୟକ୍ତିଙ୍କୁ ଭୟଭୀତ କରାଇ ସମର୍ଥନ ଯୋଗାଡ କରିବା କିମ୍ବା ପ୍ରଲୋଭନ ଦେଇ ସମର୍ଥନ ହାସଲ କରିବା ଗଣତାନ୍ତ୍ରିକ ଆଧାର ନୁହେଁ। ଏପରି କ୍ଷେତ୍ରରେ ବ୍ୟକ୍ତି ନିଜ ବିବେକ ମୁତାବକ ନିଜ ମତକୁ ଉପସ୍ଥାପନ କରିପାରେ ନାହିଁ।

ଭାରତୀୟ ଗଣତନ୍ତ୍ରରେ କ୍ରମେ ଅର୍ଥର ପ୍ରଭାବ ବଢିବାରେ ଲାଗିଛି। ଏ କଥା ସମସ୍ତଙ୍କୁ ଜଣା ଯେ ନିର୍ବାଚନ ଆୟୋଗ ପ୍ରାର୍ଥୀଙ୍କ ସର୍ବୋଚ୍ଚ ଖର୍ଚ୍ଚ ସୀମା ଯାହା ନିର୍ଦ୍ଧାରଣ କରିଛନ୍ତି ତାଠାରୁ ବହୁ ଅଧିକ ପରିମାଣର ଟଙ୍କା ଖର୍ଚ୍ଚ କରାଯାଉଛି। ବିପୁଳ ପରିମାଣର କଳା ଟଙ୍କା ବ୍ୟବହାର ହେଉଛି। ଏହି ଟଙ୍କା ମୁଖ୍ୟତଃ ଭୋଟର ମାନଙ୍କୁ ପ୍ରଲୋଭିତ କରିବା ପାଇଁ ବ୍ୟବହାର ହେଉଛି। ପ୍ରଲୋଭନ ଭୋଜିଭାତ ଆୟୋଜନ, ଉପହାର ପ୍ରଦାନ ଅଥବା ମଦମାଂସ ଆପ୍ୟାୟନ ମଧ୍ୟରେ ସୀମିତ ନୁହେଁ। ଏବେ ସିଧାସଳଖ ମୁଣ୍ଡପିଛା ଅର୍ଥ ବଣ୍ଟନକୁ କଥା ଆସିଯାଇଛି। ଦେଶରେ ଅବାଧ ଓ ପ୍ରଲୋଭନ ମୁକ୍ତ ନିର୍ବାଚନ ଆୟୋଜନର ବ୍ୟବସ୍ଥା ରହିଛି। ଏହାର ତଦାରଖ ପାଇଁ ପ୍ରଶାସନ ବିଭାଗକୁ ତତ୍ପର ରଖାଯାଏ। ତଥାପି ଆଢୁଆଳରେ ସବୁକିଛି ଚାଲେ। ଏଦିଗରେ ପ୍ରଶାସନ କଣବା କରିପାରିବେ ନାଗରିକମାନେ ଯଦି ସଚେତନ ନହୁଅନ୍ତି ଓ ଏପରି କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ଆଗଭର ନହୁଅନ୍ତି। ଏ ପ୍ରକ୍ରିୟାକୁ ରୋକିବା ପାଇଁ ମିଳିତ ଉଦ୍ୟମ ଲୋଡ଼ା।

ଦେଖାଯାଉଛି ଦେଶର ରାଜନୈତିକ ବ୍ୟବସ୍ଥା କ୍ରମେ ପୁଞ୍ଜିପତିମାନଙ୍କ ହାତକୁ ଚାଲିଯାଉଛି। ଶାସନ ବ୍ୟବସ୍ଥାକୁ ନିଜ ଅନୁକୂଳ କରିବା ପାଇଁ ଏମାନେ ବିପୁଳ ପରିମାଣର ଅଘୋଷିତ ଚାନ୍ଦା ରାଜନୈତିକ ଦଳମାନଙ୍କୁ ଦିଅନ୍ତି। ଏହା ସହିତ ବିଭିନ୍ନ ସୂତ୍ରରୁ ଆସୁଥିବା କଳାଟଙ୍କା ମଧ୍ୟ ନିର୍ବାଚନରେ ନିୟୋଜିତ ହୁଏ। ଏ ସମସ୍ତ ଟଙ୍କା ଭୋଟରମାନଙ୍କୁ ବିଭିନ୍ନ ଆଳରେ ପ୍ରଲୋଭିତ କରିବା ପାଇଁ ବ୍ୟବହାର ହୁଏ। ଠାଏଁ ଠାଏଁ ଭୋଜି ଦିଆଯାଏ, ମଦମାଂସ ବଣ୍ଟାଯାଏ, ବିଭିନ୍ନ ପ୍ରକାର ଜିନିଷ ବିତରଣ କରାଯାଏ, ଶେଷରେ ନିର୍ବାଚନ ପୂର୍ବ ରାତିରେ ମୁଣ୍ଡ ଗଣତିରେ ଟଙ୍କା ବଣ୍ଟାଯାଏ। ଅତୀତରେ ଏହା ଏକ ହଜାରରୁ ଦୁଇ ହଜାର ଟଙ୍କା ମଧ୍ୟରେ ଥିଲା। ଆଗାମୀ ନିର୍ବାଚନରେ ଏହା କେତେ ବଢୁଛି ଦେଖିବାକୁ ହେବ। ଯେଉଁମାନେ ରାଜନୈତିକ ଦଳମାନଙ୍କୁ ଏତେ ପରିମାଣରେ ଚାନ୍ଦା ଉଭୟ ଘୋଷିତ ଓ ଅଘୋଷିତଭାବେ ଦିଅନ୍ତି, ସେମାନେ ଏହା ମନକୁ ଦିଅନ୍ତି ନାହିଁ। ବଦଳରେ ସେମାନେ ନିର୍ବାଚନ ପରେ ତାଙ୍କ ଅନୁକୂଳ କିଛି ଲାଭଦାୟକ ଯୋଜନା ଆଶା କରନ୍ତି। ସେମାନେ ସରକାରଙ୍କଠାରୁ ଅନୁକମ୍ପା ଲାଭ କରିବାକୁ ଚେଷ୍ଟା କରନ୍ତି। ତାଙ୍କ ଟଙ୍କାରେ ନିର୍ବାଚନ ଲଢ଼ିଥିବା ସରକାର ଓ ପ୍ରାର୍ଥୀମାନେ ତାଙ୍କ କଥା ମୁତାବକ ଏପରି କରିବାକୁ ବାଧ୍ୟ ହୁଅନ୍ତି।

ନିର୍ବାଚନ ଏବେ ଏତେ ଖର୍ଚ୍ଚବହୁଳ ହୋଇଯାଇଛି ଯେ ଆର୍ଥିକଭାବେ ଦୁର୍ବଳ ଲୋକମାନେ ପ୍ରତିଦ୍ୱନ୍ଦିତା କରିବା ସମ୍ଭବପର ନୁହେଁ। ଏବେ ସଂଖ୍ୟାଧିକ କୋଟିପତି ଲୋକପ୍ରତିନିଧି ହେଉଥିବାର ଦେଖାଯାଉଛି। କାରଣ ଏମାନେ ନିର୍ବାଚନରେ ବିପୁଳ ପରିମାଣର ଅର୍ଥ ବ୍ୟୟ କରିପାରନ୍ତି। ଏମାନଙ୍କୁ ବିଭିନ୍ନ ରାଜନୈତିକ ଦଳରୁ ଟିକେଟ ମିଳେ। ଅନ୍ୟ ପକ୍ଷରେ ରାଜନୈତିକ ଦଳମାନେ ସେହି ଲୋକମାନଙ୍କୁ ଟିକେଟ ଦିଅନ୍ତି ଯେଉଁମାନଙ୍କ ନିକଟରେ ଟଙ୍କା ଅଛି। ଦେଖାଯାଉଛି ଆମ ଗଣତନ୍ତ୍ର କ୍ରମେ ଏକତରଫା ଭାବେ ପୁଞ୍ଜିପତିମାନଙ୍କ ହାତକୁ ଚାଲିଯାଉଛି। ଜଣେ ଗରୀବ ଲୋକର ରାଜନୈତିକ ପ୍ରତିଦ୍ୱନ୍ଦିତାରେ କୌଣସି ସ୍ଥାନ ନାହିଁ। ସେ କେବଳ ଭୋଟଦେବ। ପ୍ରତିନିଧିତ୍ୱ କରିବାର କ୍ଷମତା ତା ପାଖରେ ନାହିଁ। ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା ଯାହା ସମସ୍ତଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦିଏ। କିନ୍ତୁ ଦେଖାଯାଉଛି ପ୍ରଚଳିତ ବ୍ୟବସ୍ଥା ଧନିକ ବର୍ଗ ପାଇଁ ଅନୁକୂଳ ହେଉଛି ଏବଂ ଗରିବଙ୍କ ପାଇଁ ପ୍ରତିକୂଳ।

ଏବେ ଗଣତନ୍ତ୍ରକୁ ଧନତନ୍ତ୍ର ଗ୍ରାସ କରିବାକୁ ବସିଛି। ଗଣତନ୍ତ୍ରର ମୂଳ ଆଧାର ବିବେକାନୁମୋଦିତ ସମର୍ଥନ ଲୋପ ପାଉଛି। ବିବେକ ସ୍ଥାନରେ ପ୍ରଲୋଭନ ଅନୁମୋଦିତ ସମର୍ଥନ ଆସିଯାଇଛି। ଯିଏ ଅଧିକ ଦେବ ତାକୁ ସମର୍ଥନ ଅବସ୍ଥା ଆସିଯାଇଛି। ତେବେ ସମସ୍ତେ ଯେ ପ୍ରଲୋଭନର ବଶବର୍ତ୍ତୀ ହୋଇ ଭୋଟ ଦିଅନ୍ତି ଏହା ସତ୍ୟ ନୁହେଁ। ଏବେବି ଅନେକ ନାଗରିକ ଅଛନ୍ତି ଯେଉଁମାନେ ନିଜ ଆକଳନରେ, ନିଜ ବିବେକର ଡାକରାରେ ଭୋଟ ଦିଅନ୍ତି। ଆମ ଗଣତନ୍ତ୍ରକୁ ପ୍ରଲୋଭନ ମୁକ୍ତ ନକଲେ କ୍ରମେ ଏହା ବିପଦର କାରଣ ହେବ। ଗଣତନ୍ତ୍ର ସ୍ଥାନରେ ଧନତନ୍ତ୍ର ସ୍ଥାପିତ ହେବ। କେବଳ ଧନୀମାନେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ ଓ ଗରିବମାନେ କେବଳ ଭୋଟ ଦେବାରେ ସୀମିତ ରହିଯିବେ। ଭୋଟଦାତାମାନଙ୍କୁ ପ୍ରଲୋଭିତ କରିବା ପାଇଁ ବିପୁଳ ଟଙ୍କାର ଆବଶ୍ୟକତା ପଡେ। ଟଙ୍କାର ବହୁଳ ପ୍ରୟୋଗ ନିରପେକ୍ଷ ନିର୍ବାଚନ ପାଇଁ ବିପଦ। ଏହାକୁ ରୋକାଯିବା ଅତ୍ୟନ୍ତ ଜରୁରୀ।

ଅନେକ ରାଷ୍ଟ୍ରରେ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସରକାର ବହନ କରନ୍ତି। ଭାରତବର୍ଷରେ ମଧ୍ୟ ଏପରି ପ୍ରସ୍ତାବ ଆଗରୁ ଆସିଛି। ଏଥିପାଇଁ ପ୍ରଚାର ପ୍ରକ୍ରିୟାରେ ପରିବର୍ତ୍ତନ ଲୋଡା। ଏବେ ପ୍ରାର୍ଥୀମାନେ ମନଇଚ୍ଛା ବେନର ଲଗାଇବା, ପୋଷ୍ଟର ଲଗାଇବା, ପ୍ରଚାର ପତ୍ର ବାଣ୍ଟିବା, କାନ୍ଥରେ ଲେଖିବା, ସଭା ସମିତିର ଆୟୋଜନ କରିବା ଇତ୍ୟାଦି ଉପରେ ଲଗାମ ଲାଗିବା ଉଚିତ। ଏ ସମସ୍ତ କାର୍ଯ୍ୟ ନିର୍ବାଚନ ଆୟୋଗ ବହନ କରିବା ଉଚିତ୍। ବିଭିନ୍ନ ସ୍ଥାନରେ ପ୍ରାର୍ଥୀମାନଙ୍କ ସାମୂହିକ ବେନର, ଅର୍ଥାତ ସମସ୍ତଙ୍କ ଫୋଟ ଓ ନାମ ଥାଇ ଗୋଟିଏ ବେନର ମାରିବା, ସମସ୍ତଙ୍କୁ ନେଇ ଗୋଟିଏ ବିତର୍କ ସଭାର ଆୟୋଜନ କରିବା, କିଏ କଣ କରିବାକୁ ଚାହୁଁଛନ୍ତି ଏହାକୁ ଜଣାଇବା ପାଇଁ ଜଣେ ପ୍ରାର୍ଥୀଙ୍କ ଗୋଟିଏ ପ୍ରଚାରପତ୍ର ଛାପିବା ଏବଂ ଯାତାୟତ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସମସ୍ତଙ୍କୁ ସମାନ ଅର୍ଥ ପ୍ରଦାନ କରିବା, ଏହା ଛଡା ରାଜନୈତିକ ଉଦ୍ଦେଶ୍ୟରେ ଆୟୋଜିତ ଭୋଜିଭାତ, ମଦମାଂସ, ଦାନଉପହାର ସର୍ବୋପରି ଟଙ୍କା ବଣ୍ଟନକୁ ଦୃଢ଼ଭାବେ ନିୟନ୍ତ୍ରଣ କରାଯିବା ଉଚିତ୍।

ପ୍ରକୃତ ଗଣତନ୍ତ୍ରକୁ ସ୍ଥାପନ କାରିବାକୁ ହେଲେ ଏଥିରେ ବ୍ୟବହୃତ ହେଉଥିବା ପ୍ରଚୁର ଅର୍ଥକୁ ରୋକିବାକୁ ହେବ। ଆମ ଗଣତନ୍ତ୍ରକୁ ଅର୍ଥସର୍ବସ୍ୱ ପ୍ରଚାରମୁଖୀ ନକରି ବିତର୍କ ସର୍ବସ୍ୱ ଚେତନାମୁଖୀ କରିବାକୁ ହେବ। ନିର୍ବାଚନ ପ୍ରକ୍ରିୟାକୁ ଏପରି ତିଆରି କାରିବାକୁ ପଡିବ ଯେଉଁପରି ଜଣେ ଗରୀବ ଓ ପାରଦର୍ଶୀ ଲୋକ ସମତାଳ ଦେଇ ନିର୍ବାଚନ ଲଢି ପାରିବ।


ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦


# ଅଶାନ୍ତ ଲୋହିତ ସାଗର



## ବିଷ୍ଣୁ ପ୍ରସାଦ ଦାସ

ଆତଙ୍କବାଦୀ ହୁଥିସ ମାନଙ୍କ ଦୌରାତ୍ମ୍ୟ ପାଇଁ ବର୍ତ୍ତମାନ ବିଶ୍ୱର ବାଣିଜ୍ୟ କାରବାର ଉପରେ ଏକ କଳା ବାଦଲ ଘୋଟି ଯାଇଛି। ବିଶ୍ୱ ବାଣିଜ୍ୟ କାରବାର ମୁଖ୍ୟତଃ ଜଳ ପୋତ ଦ୍ୱାରା ହୋଇଥାଏ ଜଳ ପୋତ ଯାତାୟାତ କରିବା ପାଇଁ ନିର୍ଦ୍ଧାରିତ ମାର୍ଗ ରହିଅଛି, ଏସିଆ ମହାଦେଶରୁ ୟୁରୋପ, ଆମେରିକା ମହାଦେଶର ବିଭିନ୍ନ ଦେଶକୁ ଜଳ ପଥରେ ଗମନା ଗମନ ନିମନ୍ତେ ସାଧାରଣତଃ ଜଳ ପୋତ ଗୁଡିକ ଲୋହିତ ସାଗର ଦେଇ ସୁଏଜ କେନାଲ ଉପରେ ନିର୍ଭର କରି ଥା'ନ୍ତି। ପ୍ରାୟ ଦୁଇ ହଜାର ଦୁଇଶହ କିଲୋମିଟର ଲୋହିତ ସାଗର ମଧ୍ୟ ଦେଇ ଯାତାୟାତ କରିବା ସମୟରେ ଲୋହିତ ସାଗରର ଉଭୟ ପାର୍ଶ୍ୱରେ ଥିବା ଦେଶ ଗୁଡିକ ଏହାର କିଛି ମାତ୍ରାରେ ଲାଭ ଉଠାଇ ଥାନ୍ତି, ଯଦି ଏହି ଲୋହିତ ସାଗରରର ବିକଳ୍ପ ପଥ ଖୋଜା ଯାଏ ତେବେ ଜାହାଜ ଗୁଡିକ ଆଫ୍ରିକା ମହା ଦେଶର ନିମ୍ନ ରେ ଥିବା କେପ୍ ହୋଇ ବୁଲି ଯିବାକୁ ପଡିବ ଏବଂ ଏଥି ପାଇଁ ପ୍ରାୟ ଅଧିକ ସାତ ହଜାର କିଲୋମିଟର ପଥ ଅତିକ୍ରମ ସହିତ ଏକ ସପ୍ତାହରୁ ଅଧିକ ସମୟ ଲାଗିଯିବ। ଅଧିକ ସମୟ ତଥା ଇନ୍ଧନ ଖର୍ଚ୍ଚ ବଢିବା ଦ୍ୱାରା ପରିବହନ ଖର୍ଚ୍ଚ ବଢିବ ଫଳରେ ଆମଦାନୀ / ରପ୍ତାନି ହେଉଥିବା ସାମଗ୍ରୀର ଦର ମଧ୍ୟ ବଢ଼ିଯିବ। ଆସନ୍ତୁ ଏହି ବିଷୟ ଉପରେ କିଛି ଜାଣିନେବା।

ଲୋହିତ ସାଗର ଏସିଆ ଏବଂ ଆଫ୍ରିକା ମହାଦେଶ ମଧ୍ୟରେ ପ୍ରାୟ ୨୨ ଶହ କିଲୋମିଟର ବ୍ୟାପି ଏକ ସାଗର ଯାହାକି ଭାରତ ମହାସାଗର (ଆରବ ସାଗର) ସହିତ ମେଡ଼ିଟେରିଆନ / ଭୂମଧ୍ୟ ସାଗରକୁ ସୁଏଜ୍ କେନାଲ ଦ୍ୱାରା ସଂଯୋଗ କରାଯାଇଛି। ଏହି ସଂକୀର୍ଣ୍ଣ ସାଗରର କ୍ଷେତ୍ରଫଳ ୪୩୮,୦୦୦ ବର୍ଗ କିଲୋମିଟର, ଏହାର ହାରାହାରି ପ୍ରସ୍ଥ ୩୫୫ କିଲୋମିଟର ଏବଂ ଗଭୀରତା ପ୍ରାୟ ୪୯୦ ମିଟର। ଏହି ସାଗର ମଧ୍ୟରେ ଥିବା ଦ୍ୱୀପପୁଞ୍ଜ ଗୁଡିକ ହେଲା : ତିରାନ୍ ଦ୍ୱୀପ, ପେରିମ୍ ଦ୍ୱୀପ, ଜବଲ୍ ଅଲ୍-ଟାୟାର ଦ୍ୱୀପ, ହନିଶ୍ ଦ୍ୱୀପ, ରକି ଦ୍ୱୀପ। ଲୋହିତ ସାଗରର ଉତ୍ତରରେ ଜୋର୍ଡାନ, ସାଉଦି ଆରବ, ୟେମେନ୍ ଥିବା ସମୟରେ ଦକ୍ଷିଣ ଦିଗରେ ଇଜିପ୍ଟ, ସୁଦାନ୍, ଇରିଟ୍ରିଆ, ସୋମାଲିଆ, ଯିବୁଟି ଦେଶ ଅବସ୍ଥିତ। ୧୮୬୯ ମସିହାରୁ ସୁଏଜ୍ କେନାଲ ଖୋଲିଲା ଏବଂ ଲୋହିତ ସାଗର ସହିତ ଭୂମଧ୍ୟ ସାଗରର ସଂଯୋଗ ଦ୍ୱାରା ଜଳ ପୋତ / ଜାହାଜ ଦ୍ୱାରା ମାଲ ପରିବହନ ଆରମ୍ଭ ହେଲା ଅନ୍ୟଥା ଜାହାଜ ଗୁଡିକ ଆଫ୍ରିକା ମହାଦେଶର କେପ ହୋଇ ବୁଲି ଯାଉଥିଲେ ଫଳରେ ସମୟ ଅଧିକ ଲାଗିବା ସହିତ ପରିବହନ ଖର୍ଚ୍ଚ ମଧ୍ୟ ବଢି ଯାଉଥିଲା। ଗତ ବର୍ଷର ହିସାବରୁ ଜଣାପଡେ ପ୍ରାୟ ୨୪ ହଜାର ଜାହାଜ ଏହି ପଥ ଦେଇ ଯିବା ଆସିବା କରିଛନ୍ତି, ତେବେ ଏହାର ଗୁରୁତ୍ୱ ଅନୁମେୟ। ଅନେକ ସମୟରେ ବିବାଦ ଦେଖାଦେଇ ସୁଏଜ୍ କେନାଲ ବନ୍ଦ୍ ହୋଇ ଯାଉଥିଲା ଫଳରେ ଅନେକ ମାଲ୍ ବାହୀ ଜାହାଜ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ସମୟରେ ହୁଥିସ୍ ମାନେ ଜଳପଥ ଅବରୋଧ କରି କିଛି ଜଳ ଜାହାଜକୁ ଡ୍ରୋନ୍ ଦ୍ୱାରା ରକେଟ ମାଡ଼ କରି ନଷ୍ଟ କରି ଦେଉଛନ୍ତି, ଏହା ବର୍ତ୍ତମାନ ଚିନ୍ତାର ବିଷୟ ହୋଇ ଠିଆ ହୋଇଛି। ତେବେ ଏହି ହୁଥିସ୍ ମାନେ କାହିଁକି ଶାନ୍ତି ଭଙ୍ଗ କରୁଛନ୍ତି? କାହିଁକି ଜଳ ଜାହାଜ ଗୁଡିକୁ କ୍ଷେପଣାସ୍ତ୍ର ଦ୍ୱାରା ନଷ୍ଟ କରି ଦେଉଛନ୍ତି? ସମ୍ୟକ ଜ୍ଞାନରୁ ଏହାର କାରଣ ଖୋଜିବାକୁ ଯାଇ ବୁଝା ପଡ଼େ ଯେ, ହୁଥିସ୍ ମାନେ ୟେମେନ ଦେଶର ନାଗରିକ ଅଟନ୍ତି। ୧୯୯୪ ମସିହାରୁ ସେମାନେ ୟେମେନ୍ ଦେଶରେ ବିଦ୍ରୋହୀ ଗୋଷ୍ଠୀ ରୂପେ ଅବତୀର୍ଣ୍ଣ, ଅନେକ ଅତ୍ୟାଧୁନିକ ଅସ୍ତ୍ର ଶସ୍ତ୍ର ତଥା ପ୍ରଶିକ୍ଷିତ ବିଦ୍ରୋହୀ ସେନା ମାନେ ବିଭିନ୍ନ ପ୍ରକାର ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ଥାଆନ୍ତି। ୨୦୧୪ ମସିହାରୁ ଏମାନଙ୍କୁ ଇରାନ୍ ଦେଶ ସମର୍ଥନ କରୁଛି, ତାଙ୍କ ସମର୍ଥନ ପାଇ ହୁଥିସ୍ ମାନେ ୟେମେନ୍ ର ରାଜଧାନୀକୁ ନିଜ ଅକ୍ତିଆରକୁ ନେଇ ଯାଇଥିଲେ। ବର୍ତ୍ତମାନ ସେମାନେ ୟେମେନ୍‌ର ଉତ୍ତର ଏବଂ ପଶ୍ଚିମ ପଟ ନିଜ ଦଖଲରେ ରଖିଛନ୍ତି, ୨୦୧୫ ବେଳକୁ ଆରବ ୟେମେନ୍ ର ପୂର୍ବତନ ସରକାରଙ୍କୁ ସମର୍ଥନ କରିବା ସମୟରେ ଇରାନ୍ ହୁଥିସ୍ ମାନଙ୍କୁ ସମର୍ଥନ କରୁଥିଲେ ଫଳରେ ଇରାନ୍ ଏବଂ ଆରବ ମଧ୍ୟରେ ଏକ ଛାୟା ଯୁଦ୍ଧ ସଂଗଠିତ ହୋଇଥିଲା ଏବଂ ଏବେ ସୁଦ୍ଧା ଏହା ଚାଲିଛି ଫଳରେ ସେଠାରେ ପ୍ରାୟ ଏକ ଲକ୍ଷ ପଚାଶ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇ ସାରିଲାଣି। ହୁଥିସ୍ ମାନେ ଇସ୍ରାଏଲ୍ ପାଲେଷ୍ଟାଇନ୍ ମଧ୍ୟରେ ଲାଗିଥିବା ଯୁଦ୍ଧ ରେ ହାମାସ୍ ପ୍ରତି ସମର୍ଥନ ଜାହିର କରି ଲୋହିତ ସାଗରରେ ଚଳା ଚଳ କରୁଥିବା ପଣ୍ୟବାହୀ ଜାହାଜ ଗୁଡିକ ଉପରେ ଆକ୍ରମଣ କରୁଛନ୍ତି। ଗତ ଅକ୍ଟୋବର ମାସ ୭ ତାରିଖରୁ ଇସ୍ରାଏଲ୍‌ର ପାଲେଷ୍ଟାଇନ୍ ଉପରେ ଆରମ୍ଭ ହୋଇଥିବା ଆକ୍ରମଣକୁ ଆଖିରେ ରଖି ଲୋହିତ ସାଗର ଦେଇ ଯାଉଥିବା ଜାହାଜ ଗୁଡିକ ଉପରେ ମିସାଇଲ୍ ଆକ୍ରମଣ ଜାରି ରଖିଛନ୍ତି। ଏହାକୁ ବିରୋଧ କରି ଭାରତୀୟ ନୌ ସେନା, ଆମେରିକୀୟ ନୌ ସେନା ଲୋହିତ ସାଗରରେ ମୁତୟନ ଅଛନ୍ତି କିନ୍ତୁ ହୂଟିସ୍ ମାନେ ଖୁବ୍ ଚତୁରତାର ସହିତ ଜାହାଜ ଉପରେ ଆକ୍ରମଣ ଜାରି ରଖିବାରେ ସକ୍ଷମ ହେଉଛନ୍ତି। ଏହାଦ୍ୱାରା ଭାରତ ତଥା ଅନ୍ୟ ଏସୀୟ ଦେଶ ମାନଙ୍କୁ ଆସୁଥିବା ତୈଳ ଟ୍ୟାଙ୍କର ଗୁଡିକ କ୍ଷତିଗ୍ରସ୍ତ ହେଉଛନ୍ତି। ହୂଟିସ୍ ମାନେ ଚେତାବନୀ ଦେଇଛନ୍ତି ଯେ, ଯେପର୍ଯ୍ୟନ୍ତ ଇସ୍ରାଏଲ୍ ପାଲେଷ୍ଟାଇନ୍ ହାମାସ୍ ଉପରେ ଆକ୍ରମଣ ବନ୍ଦ ନ କରିଛି ସେତେଦିନ ପର୍ଯ୍ୟନ୍ତ ଲୋହିତ ସାଗର ମଧ୍ୟ ଦେଇ ଯାଉଥିବା ଜାହାଜ ଉପରେ ଆକ୍ରମଣ ହେଉଥିବ। ଏହାଦ୍ୱାରା ଅନ୍ତଃରାଷ୍ଟ୍ରୀୟ ବ୍ୟବସାୟ ଉପରେ ବାଧା ସୃଷ୍ଟି ହେବ ଏବଂ ଏହି ଚାପ ଫଳରେ ହୁଏତ ଇସ୍ରାଏଲ୍ ପାଲେଷ୍ଟାଇନ୍ ଉପରେ ଆକ୍ରମଣ ବନ୍ଦ କରିପାରେ।

ହୂଟିସ୍ ମାନଙ୍କର ଜନ୍ମ ୧୯୯୪ ମସିହାରେ ହୁଏ, ୧୯୯୪ ରୁ ୨୦୦୪ ପର୍ଯ୍ୟନ୍ତ ହୁସେନ୍ ଅଲ୍ ହାଉଟି ସେମାନଙ୍କର ନେତା ଥିଲେ ପରବର୍ତ୍ତୀ ସମୟରେ ଅବଦୁଲ ମଲ୍ଲିକ ଅଲ୍ ହାଉଟି ନେତା ହେଲେ, ମହମ୍ମଦ୍ ଅବଦୁଲ୍ ସଲାମ୍ ତାଙ୍କର ମୁଖପାତ୍ର ଅଛନ୍ତି ହୂଟିସ୍ ଏବଂ ଜିହ୍ୱଦି ସିହା ସମ୍ପ୍ରଦାୟ ଏହାର ସଦସ୍ୟ ତଥା ସୈନିକ ଅଟନ୍ତି, ଏମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ସାନା ସହର। ଡ୍ରୋନ୍ ଦ୍ୱାରା ସେମାନେ ଲୁଚି ଛପି ଆକ୍ରମଣ କରୁଥିବାରୁ ଭାରତୀୟ ନୌ ସେନା ତଥା ଆମେରିକୀୟ ନୌ ସେନା ପ୍ରତିଆକ୍ରମଣ କରିବାରେ ବାଧା ଉପୁଜିଛି ତେବେବି ଅନେକ ଜାହାଜକୁ ସେମାନେ ସୁରକ୍ଷା ଦେବାକୁ ସକ୍ଷମ ହେଉଛନ୍ତି।

ଭାରତର ପ୍ରଧାନ ମନ୍ତ୍ରୀ ଅନେକ ଆଗରୁ ସୁଏଜ୍ କେନାଲ୍‌ର ବିକଳ୍ପ ଖୋଜୁଛନ୍ତି ଯାହା ଦ୍ୱାରା ଜଳ ସ୍ଥଳ ଉଭୟ ପଥର ସହାୟତା ନେଇ ୟୁରୋପ କୁ ଏକ କରିଡ଼ର ଖୋଲା ଯାଇ ପାରିବ, ଫଳରେ ସୁଏଜ୍ କେନାଲ୍ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ବର୍ତ୍ତମାନ୍ ପ୍ରତିଟି ସ୍ଥାନରେ ଆତଙ୍କବାଦ ଲାଗି ରହିଛି, ବିଶ୍ୱ ବାଣିଜ୍ୟ ପାଇଁ ଏହା ବିପଦ୍ଜନକ ସାବ୍ୟସ୍ତ ହେଲାଣି ତେଣୁ ସମସ୍ତେ ମିଶି ମିଳିତ ଜାତିସଂଘ ତରଫରୁ ଏହା ଉପରେ ଆଲୋଚନା ମାଧ୍ୟମରେ ରୋକ୍ ଲଗାଇବାର ସମୟ ଉପନୀତ ଅନ୍ୟଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକ ଆକାଶ ଛୁଆଁ ଦର ହୋଇପାରେ। ଅଶୋଧିତ ତୈଳ ଦର ନିଶ୍ଚିତ ଭାବରେ ବୃଦ୍ଧି ପାଇବ, ଖାଦ୍ୟ ସାମଗ୍ରୀ ଗୁଡିକର ମଧ୍ୟ ଅହେତୁକ ଅଭାବ ପରିଲକ୍ଷିତ ହୋଇ ପାରେ। ଲୋହିତ ସାଗରରେ ହୁଥିସ୍ ଆକ୍ରମଣ ଉପରେ ରୋକ୍ ଲଗାଇବାରେ ଭାରତର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେହୁଏ। ଭାରତର ବୈଦେଶିକ ନୀତି ଏହି ସମସ୍ୟା କୁ ନିଶ୍ଚିତ ଭାବେ ସମାଧାନ କରିବାରେ ସହାୟ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।

ଜୟ ହିନ୍ଦ୍।


ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


## କବିତା କୋଣାର୍କ

### ସମୟ

**ଡ. ଦୀପକ କୁମାର ମିଶ୍ର**

ଟୁକୁଡ଼ା କାଗଜକୁ ଯୋଡ଼ି
ପଢ଼ିହୁଏନି ଅତୀତ
ବିକ୍ଷିପ୍ତ ଅସ୍ତିତ୍ୱବିହୀନ
ବିନ୍ଦୁମାନଙ୍କୁ ଏକତ୍ରିତ କରି
ସଜେଇହୁଏନି ଜୀବନର ଚିତ୍ର
ଯାହା ଭାସିଯାଇଚି ସମୟରେ
ତା'ର ଉଜାଣି ଗତି ସବୁକାଳେ
ଅସମ୍ଭବ।

ବହୁଚେଷ୍ଟା କରିଚି
ଖୋଜିବାକୁ ବୟସର ବରମୁଡ଼ା
ଟ୍ରାଏଙ୍ଗଲରେ
ହଜିଯାଇଥିବା ସ୍ୱପ୍ନମାନଙ୍କର
ଶେଷ ଅବଶେଷ
ଅବୁଝା ରହିଯାଇଛି ସମୟଯାତ୍ରାର
ଅସମାହିତ ଅଭେଦ୍ୟ ରହସ୍ୟ
ଛିନ୍-ଛତର୍ ହୋଇଯାଇଥିବା
ଭାଗ୍ୟର
କରିପାରିନି ପୁନର୍ଗଠନ
ଯେଉଁଠି ଛାଡ଼ିଯାଇଥିଲି ନିଜକୁ
ପୁଣି ସେଇଠି ପାଏ ନିଜକୁ
ଯାହା ଖାଲି ପ୍ରତ୍ୟୟହୁଏ ପୃଷ୍ଠଭୂମିର
ସମ୍ୟକ ପରିବର୍ତ୍ତନ।

ସମୟକୁ ବୁଝିହୁଏ ନା ଯୁଝିହୁଏ
ସମୟ ଲାଗେ କୁହୁଡ଼ିବୋଳା
ଗୋଟେ ନିରୀହ ସକାଳ
ମନାକରି ହୁଏନି, ମାନିବି ହୁଏନି
ରାତିର ପ୍ରସ୍ଥାନ ଆଉ ଦିନ ଆଗମନ।
ଃଃଃ


ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦


### ତୁମେ ଅତି ଆପଣାର

**ନୀଳମଣି ଚାନ୍ଦ**



ନଈ ଏ ପାରିରେ ଘର ମୋ'ର ବନ୍ଧୁ
ସେପାରିରେ ତୁମ ଘର
ମଝିରେ ନଈଟା ରହିଛି ବୋଲିରେ
ଭାବିବନି ଏତେ ଦୂର।

ଏ ପଟର ନାଆ ସେ ପାରିକି ଯାଏ
ହାତ ଲେଖା ଚିଠି ନେଇ
ସେଇ ଚିଠି ପଢି ଉତ୍ତର ଲେଖିବ
ଏ କଥା ନ ଜାଣୁ କେହି
ମନର ମଣିଷ ବୋଲି ଭାବିନେବ
କରିବନି କେବେ ପର।

ଆମ ଗାଁ ଜହ୍ନ ତୁମ ଗାଁ ଜହ୍ନ
ଫରକ ସେଥିରେ ନାହିଁ
ଆମ ଗାଁ ସୂରୁଯ ତୁମ ଗାଁ ସୂରୁଯ
ସେଇ ଗୋଟେ ଆମ ପାଇଁ
ଆମ ଗାଁ ମେଳାରେ ଭେଟ
ହୋଇଥିଲା
ମନେ ଅଛି ଗୋଟେ ଥର।

ଆମ ଗାଁ ତୋଟାରେ ଆମ୍ବ ବଉଳିଲେ
ତୁମ ଗାଁ ମହକି ଉଠେ
ତୁମ ଗାଁ ହସେ ଆମ ନଈ ବାଙ୍କେ
ଯେବେ କାଶତଣ୍ଡୀ ଫୁଟେ
ଯେତେ ଅପବାଦ ଯିଏ ପଛେ ଦେଉ
ତୁମେ ଅତି ଆପଣାର।


ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


### ନାରୀର ଆବାହନ ମନ୍ତ୍ର

**ଶୁଭ୍ରାଙ୍ଗୀ ପ୍ରିୟବାଦିନୀ**

ନାରୀ ତୋର କେତେ ରୂପ
କେତେ କାହାଣୀ
ଦିନ ସରେ ରାତି ସରେ
କଥା ତା'ର ସରେନି
କେବେ ସାଜୁ ତୁ ଭବାନୀ
କେବେ ପୁଣି ଶିବାନୀ,
କେବେ ପୁଣି ମା' ଦୁର୍ଗତୀ ନାଶିନୀ
କେବେ ପୁଣି ମା' ଖର୍ପରଧାରିଣୀ
କେବେ ହେଉ ସ୍ନେହମୟୀ ଜନନୀ
କେବେ ପୁଣି ବିପଦୁ ଉଦ୍ଧାର
କାରିଣୀ,
ଜନନୀ, ସୁତା ପୁଣି
ଭଗିନୀ ଓ ଅର୍ଦ୍ଧାଙ୍ଗିନୀ
ସବୁ ରୂପେ ତୁ ସ୍ନେହମୟୀ ଜନନୀ,
ବାଣ୍ଟି ଦେଉ କରୁଣା
ଝରଣା ପରି ଝରି ଯାଏ
ତୋ ମହିମା,
ସାଗର ପରି ତୋ ହୃଦୟ
ନିଃସ୍ୱାର୍ଥପର ଭାବେ ଦେଉ ତୁ
ଅଭୟ,
ମାଆ ପରି ମାଉସୀ
ସ୍ନେହରେ ରଖେ ସେ ବାନ୍ଧି,
ବାର ହାତ ଖର୍ଗ ଧରି
ଦୟା, କ୍ଷମା, ସୁରକ୍ଷା
ସ୍ନେହ ମମତା ଭଲପାଇବା,
ଛାୟା, ମହିମା ଓ କରୁଣାରେ
ଦେଉ ତୁ ଭରି,
ଦେବକୀ ସାଜି ଦେଉ ତୁ ଜନମ
ପୁଣି ଯଶୋଦା ହୋଇ କରୁ ବି
ପାଳନ,
ଏ ମନ ତୋର ମମତାର ସାଗର
ଯାହାର ନାହିଁ ପଟାନ୍ତର
ଅଭୟ ଦେଇ କରେ ସେ ନିଜର
ଛାଡ଼ି ତା' ସ୍ୱାର୍ଥ ଏବଂ ଅହଙ୍କାର,
ତଥାପି ଏ ମନୁଷ୍ୟ
ବୁଝେ ନାହିଁ ମୂଲ୍ୟ ତାହାର,
ନିଜ ସୁଖ, ତୃଷ୍ଣା ମେଣ୍ଟାଇବା ପାଇଁ
କରେ ସେ ବ୍ୟବହାର,
ଦେଶ ଆଜି ପାଇଛି ସ୍ୱାଧିନତା
କିନ୍ତୁ କେହି ବୁଝେ ନାହିଁ
ନାରୀ ର ଅକୁହା କଥା

ସର୍ବସ୍ୱ ଦେଇ ମଧ୍ୟ ନାହିଁ
ତା'ର ଗାଥା
ତଥାପି ଏ ଦୁନିଆରେ
ଖୋଜୁଥାଏ ସେ
ପରିଚ୍ୟର ମାନ୍ୟତା
ସଶକ୍ତିକରଣ ହୋଇଛି
ଏହା ସତ୍ୟ କଥା
କିନ୍ତୁ ଏବେବି ଦୁଇ ପାଦ
ପଛରେ ନାରୀର ସ୍ୱାଧୀନତା
କେବେ ବୁଝିବ ଏ ଦୁନିଆ
ନାରୀର ମୂଲ୍ୟବୋଧତା ଓ
ନାରୀର କିମିଆ
ହୋଇପାରିବ ନାରୀ
ରାତ୍ର ଅର୍ଦ୍ଧେ ଏକୁଟିଆ ଠିଆ
ସେବେ ହେବ ନାରୀର ପ୍ରକୃତ
ପରିଚ୍ୟ, ଅର୍ଥ ଓ ସଂଜ୍ଞା ରହିତ
ସଶକ୍ତିକରଣର ମୂଲ୍ୟବୋଧ,
ନାରୀ ପାଇବ ସମ୍ମାନ,
ବାସ୍ତବିକ୍! ସର୍ବ ହସ୍ତେ
ଯାହା ହୋଇବ ପ୍ରଦାନ

ଓମ୍ ନମଃ ନାରୀଶ୍ୱରାୟେ
ସର୍ବ ହିତେ ଖର୍ପରଧରାୟେ
ବିନାଶକାଳେ ଉଦ୍ଧାରୟାମି
ସ୍ନେହ ମମତା ଦବାର୍ଥେ
ନାରାୟଣୀ ନମୋସ୍ତୁତେ
ନାରାୟଣୀ ନମୋସ୍ତୁତେ।


ଭୁବନେଶ୍ୱର
ମୋ: ୭୦୦୮୧୦୯୯୮୦

# ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ କନ୍ଦମୂଳ: ରକ୍ତଚାପକୁ କରେ ନିୟନ୍ତ୍ରିତ

**କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।**



କନ୍ଦମୂଳ ପୋଷକ ତତ୍ତ୍ୱରେ ଭରା । ଶୀତଦିନେ ଏହା ବଜାରରେ ବହୁ ମାତ୍ରାରେ ମିଳିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର, ପ୍ରୋଟିନ୍, ପୋଟାସିୟମ୍, ଆଇରନ୍ ଓ ଭିଟାମିନ୍ ସି ମିଳିଥାଏ । କନ୍ଦମୂଳ କେବଳ ଖାଇବାକୁ ବେଶ୍ ସ୍ୱାଦିଷ୍ଟ ନୁହେଁ, ଶରୀର ପାଇଁ ମଧ ସ୍ୱାସ୍ଥ୍ୟକର । ଶୀତରେ ଶରୀରକୁ ହାଲ୍କା ଉଷୁମର ଆବଶ୍ୟକତା ରହିଥାଏ ।

କନ୍ଦମୂଳ ଶରୀରକୁ ଉଷୁମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏହାକୁ ସିଝାଇ ବା ପୋଡି ଖାଇପାରିବେ । ପିଲାଙ୍କୁ କନ୍ଦମୂଳ ଚାଟ୍ ଖାଇବାକୁ ଦେଇପାରିବେ । କିନ୍ତୁ ମଧୁମେହ ରୋଗୀ ଏହାକୁ ଯେତେବେ କମ୍ ଖାଇବେ, ସେତେ ଭଲ । ଏଥିରେ ବହୁ ମାତ୍ରାରେ ଶର୍କରା ରହିଥାଏ । ତେଣୁ ଯଥାସମ୍ଭବ କମ୍ ଖାଇବା ଉଚିତ୍ । କନ୍ଦମୂଳ ଫାଇବରରେ ଭରା, ଯାହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ । କନ୍ଦମୂଳ ଚାଟ୍ ଖାଇବା ଦ୍ୱାରା ଗ୍ୟାସ୍ ଏବଂ କବ୍ଜ ସମସ୍ୟା ହୋଇ ନଥାଏ ।

କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କନ୍ଦମୂଳ ଖାଇବା ଦ୍ୱାରା ଆଖି ଦୀର୍ଘ ଦିନଯାଏ ସୁସ୍ଥ ରହିଥାଏ । ଏଥିରେ ଥିବା ଭିଟା-କ୍ୟାରେଟିନ୍ ଆଖିକୁ ଦୀର୍ଘଦିନ ଯାଏ ସୁସ୍ଥ ରଖିଥାଏ ।

ସେହିପରି ଏହାକୁ ଖାଇବା ଦ୍ୱାରା ଆଖି ଜନିତ ସମସ୍ତ ସମସ୍ୟା ଆପେ ଆପେଦୂର ହୋଇଯାଇଥାଏ । ଏଥିରେ ଥିବା ପୋଟାସିୟମ୍ ହୃଦୟକୁ ସୁସ୍ଥ ରଖିବା ସହ ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ । ଏହା ହାର୍ଟ ଷ୍ଟ୍ରୋକ୍ ଓ ଉଚ୍ଚ ରକ୍ତଚାପର ଆଶଙ୍କାକୁ କମ୍ କରିଥାଏ । ଏଥିରେ ଥିବା ଫାଇବର ପେଟକୁ ଭରା ରଖିଥାଏ, ଫଳରେ ଭୋକ କମ୍ ଲାଗିଥାଏ । ଭୋକ ନିୟନ୍ତ୍ରିତ ହେବା ଫଳରେ ଓଜନ ବଢ଼ି ନଥାଏ । ଏଥିରେ ଖୁବ୍ କମ୍ କ୍ୟାଲୋରୀ ରହିଥାଏ । ତେଣୁ ଓଜନ ବଢ଼ିବାର ସମ୍ଭାବନା କମ୍ ରହିଥାଏ ।

# ଦାନ୍ତ ହଳଦିଆପଣରୁ ପାଆନ୍ତୁ ମୁକ୍ତି

**ଚେହେରାର ସୌନ୍ଦର୍ଯ୍ୟ ଠିକ ରଖିବା ପାଇଁ ଆପଣ ନିଶ୍ଚୟ ଅନେକ ଉପାୟ ଚେଷ୍ଟା କରିଥିବେ କିନ୍ତୁ ଆପଣ ଆପଣଙ୍କର ଦାନ୍ତର ଯତ୍ନ ନେଉଛନ୍ତି କି ? ଅନେକ ଲୋକ ଦାନ୍ତକୁ ସଠିକ୍ ଭାବରେ ସଫା କରନ୍ତି ନାହିଁ, ପରେ ଧୀରେ ଧୀରେ ଦାନ୍ତ ହଳଦିଆ ହେବାକୁ ଲାଗିଥାଏ । ଯାହା ଖରାପ ମଧ ଦେଖାଯାଏ । ଅନେକ ଲୋକ ଗୁଟଖା ଖାଇବା ହେତୁ ଦାନ୍ତ ନଷ୍ଟ ହୋଇଯାଏ ଏବଂ ପରେ ସେମାନେ ଅନୁତାପ କରନ୍ତି । ଦାନ୍ତର ଏହି ହଳଦିଆ ରଙ୍ଗ ଅତି ସହଜରେ ସଫା ହୋଇପାରିବ । ତେବେ ଆସନ୍ତୁ ଜାଣିବା ଦାନ୍ତକୁ କିପରି ସଫା କରିପାରିବେ ।**

### <ଲେମ୍ବୁ ରସ ଏବଂ ବେକିଂ ସୋଡା>

ଏଥିପାଇଁ ଏକ ଚାମଚ ବେକିଂ ସୋଡାକୁ ଏକ ପ୍ଲେଟରେ ନେଇ ସେଥିରେ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାନ୍ତୁ । ଏହି ପେଷ୍ଟକୁ ଟୁଥ୍ ବ୍ରଶରେ ଲଗାନ୍ତୁ ଏବଂ ଏହାକୁ ଦାନ୍ତରେ ଭଲ ଭାବରେ ଘଷନ୍ତୁ । ପରେ ଦାନ୍ତରେ ଏହାକୁ ୧ ମିନିଟ୍ ପାଇଁ ଛାଡି ଦିଅନ୍ତୁ ଏବଂ ତା'ପରେ ପାଟି ଭଲ ଭାବେ ଧୋଇ ଦିଅନ୍ତୁ । ଏହି ପେଷ୍ଟକୁ ଦାନ୍ତରେ ୧ ମିନିଟରୁ ଅଧିକ ସମୟ ରଖନ୍ତୁ ନାହିଁ, ନଚେତ୍ ଦାନ୍ତ ନଷ୍ଟ ହୋଇପାରେ ।



### <ତୁଳସୀ>

ତୁଳସୀ ହେଉଛି ଔଷଧୀୟ ଗୁଣର ଭଣ୍ଡାର । ଯଦି ଆପଣ ଦାନ୍ତ ସଂକ୍ରମଣକୁ ଶେଷ କରିବାକୁ ଚାହୁଁଛନ୍ତି, ତେବେ ତୁଳସୀ ବ୍ୟବହାର କରନ୍ତୁ । ଆପଣ ଏହାର ପତ୍ରକୁ ଦାନ୍ତରେ ଘଷନ୍ତୁ, ଏହା ଆପଣଙ୍କ ଦାନ୍ତକୁ ସଫା କରିଥାଏ । ଏହା ଜୀବାଣୁ ଏବଂ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥକୁ ମଧ ବାହାର କରିଥାଏ । କିନ୍ତୁ ଏହାକୁ ଦାନ୍ତରେ ଅତ୍ୟଧିକ ବ୍ୟବହାର କରିବା ଉଚିତ ନୁହେଁ ।

### <ଉଷୁମ ପାଣି>

ଯଦି ଆପଣ ପ୍ରତିଦିନ ସଠିକ୍ ଭାବରେ ବ୍ରଶ୍ କରନ୍ତି ଏବଂ ଚା-କଫି ପିଇବା ପରେ ଉଷୁମ ପାଣିରେ ପାଟି ଧୋଇଦିଅନ୍ତି, ତେବେ ଆପଣଙ୍କୁ ଦାନ୍ତ ହଳଦିଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ । ସେଥିପାଇଁ ପ୍ରତିଦିନ ଖାଦ୍ୟ ଖାଇବା ପରେ କିମ୍ବା ଚା-କଫି ପିଇବା ପରେ ନିଶ୍ଚିତ ଭାବେ ପାଟିକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହା ଦ୍ୱାରା ଆପଣଙ୍କ ଦାନ୍ତକୁ ଲାଭ ମିଳିବ ।

### <କମଳା>

ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ କମଳା ଖାଇବା ଦ୍ୱାରା ଦାନ୍ତର ହଳଦିଆପଣ ଦୂର ହୋଇଥାଏ । କମଳା ରେ ଭିଟାମିନ୍-ସି ଥାଏ । ଯାହା ଦାନ୍ତକୁ ଧଳା କରିବାରେ ସାହାଯ୍ୟ କରିଥାଏ । ଦାନ୍ତରୁ ଜୀବାଣୁ ବାହାର କରିବାରେ କମଳା ବହୁତ ପ୍ରଭାବଶାଳୀ ହୋଇଥାଏ । ଆପଣ ଦାନ୍ତରେ କମଳା ଚୋପା ମଧ ଘଷି ପାରନ୍ତି ଏଥିରୁ ଆପଣଙ୍କୁ ଲାଭ ମିଳିବ ।

# ଘର ବାଲକୋନୀରେ ବା ଅଗଣାରେ ଏହି ପକ୍ଷୀ ଦେଖାଦେଲେ ଖୋଲିଯିବ ଭାଗ୍ୟ

**ଜୀବନରେ ସର୍ବଦା ଦୁଇ ପ୍ରକାରର ସମୟ ଜୀବନରେ ଦେଖାଯାଇଥାଏ । ତାହା ହେଉଛି ଦୁଃଖ ଏବଂ ସୁଖ । ତେବେ ଧର୍ମ, ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରକୁ ଛାଡି ଶକୁନ ଶାସ୍ତ୍ରରେ ଏମିତି କିଛି ଶୁଭ-ଅଶୁଭ ସଙ୍କେତ ଦେଇଥାନ୍ତି । ଆଜି ଆମେ ଏମିତି ଏକ ଘଟଣା କଥା କହିବୁ ଯାହା ହେବା ଦ୍ୱାରା ଆପଣଙ୍କ ଭାଗ୍ୟ ଖୋଲିଯିବ ।**



♦ ଅଗଣାରେ କିମ୍ବା ବାଲକୁନିରେ ଯଦି ଘରଚଟିଆ ଚଢେଇ ଆସି ପହଁଚେ ତେବେ ଏହା ଅତ୍ୟନ୍ତ ଶୁଭ ଦାୟକ । ସକାଳୁ ସକାଳୁ ଯଦି ଏମାନେ ଯିବା ଆସିବା କରନ୍ତି ତେବେ ଏହା ଅତ୍ୟନ୍ତ ଶୁଭ ଦାୟକ ଘର ପାଇଁ । ଏମାନେ ଆସିବା ଦ୍ୱାରା ଆପଣଙ୍କ ଜୀବନରେ ଖୁସି , ସଫଳତା ଏବଂ ଧନ ଆସିବାର ସମ୍ଭାବନା ରହିଛି ।

♦ ହିନ୍ଦୁ ଶାସ୍ତ୍ରରେ ଗୋରୁଙ୍କୁ ପୂଜା କରାଯିବା ସହ ଗୋବରକୁ ମଧ ଶୁଭ ମନାଯାଏ । ତେବେ ଆପଣଙ୍କ ଘର ସାମ୍ନାକୁ ଯଦି ଗାଇ ଆସୁଛନ୍ତି ଏବଂ ଗୋବର କରି ଯାଉଛନ୍ତି ତେବେ ଆପଣ ଗୋମାତାଙ୍କୁ ନ ମାରି ଖାଇବାକୁ ଦିଅନ୍ତୁ । ଏହାମଧ ଆପଣଙ୍କ ଭଲ ଦିନ ଆସିବାର ସଂକେତ ପ୍ରଦାନ କରିଥାଏ ।

♦ ସକାଳୁ ସକାଳୁ ଯଦି ଆପଣ ପୂଜା ହୋଇଥିବା ନଡିଆ, ବା ମନ୍ଦିରରେ ଘଣ୍ଟି, ଶଙ୍ଖ ବାଜୁଥିବାର ଶୁଣିବେ ତାହା ଆପଣଙ୍କୁ ଏହା ସୂଚାଇ ଥାଏ ଯେ, ଆଗକୁ ଆପଣ ସଫଳତା ହାସଲ କରିବାକୁ ଯାଉଛନ୍ତି ।

# ଆଳୁରେ ହେବ ଚେହେରା ରଙ୍ଗରେ ପରିବର୍ତ୍ତନ: କରନ୍ତୁ ଏହି ଉପାୟ

ବର୍ତ୍ତମାନ ଶୀତ ଋତୁ ଚାଲିଛି । ଏପରି ପରିସ୍ଥିତିରେ ଆପଣଙ୍କ ତ୍ୱଚାର ଯତ୍ନ ନେବା ଜରୁରୀ ହୋଇଥାଏ । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଆପଣ ଆଳୁକୁ ଏକ ପରିବା ଭାବରେ ଜାଣିଥିବେ । କିନ୍ତୁ ଆପଣ ଜାଣନ୍ତି କି ଆଳୁ ଅନେକ ଚର୍ମ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ । ବର୍ତ୍ତମାନ ସମୟରେ ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି, ଏପରି ପରିସ୍ଥିତିରେ ତ୍ୱଚାର ରଙ୍ଗ ବିଷୟରେ ମହିଳାମାନଙ୍କ ମଧ୍ୟରେ ଏକ ଭିନ୍ନ କ୍ରେଜ୍ ଦେଖିବାକୁ ମିଳିଛି । ସୁନ୍ଦର ଦେଖାଯିବାରେ ଆଳୁ ଆପଣଙ୍କୁ ସାହାଯ୍ୟ କରି ପାରିବ । ତେବେ ଜାଣି ରଖନ୍ତୁ ଆଳୁ କିପରି ଆପଣଙ୍କ ତ୍ୱଚାର ରଙ୍ଗକୁ ପରିବର୍ତ୍ତନ କରି ପାରିବ ।

**ଏହି ଉପାୟରେ ମୁହଁରେ ଆଳୁ ଲଗାନ୍ତୁ-**

ଆଳୁ ଏବଂ ମହୁ: ଚେହେରାର ରଙ୍ଗକୁ ଉନ୍ନତ କରିବା ପାଇଁ ଆଳୁ ରସରେ ମହୁ ମିଶାନ୍ତୁ ଏବଂ ପରେ ଏହାକୁ ଭଲ ଭାବରେ ମିଶାଇ ମୁହଁ ଏବଂ ବେକରେ ଲଗାନ୍ତୁ । କିଛି ସମୟ ପରେ ଏହାକୁ ଭଲ ପାଣିରେ ଧୋଇ ଦିଅନ୍ତୁ । ଏହି ଫେସ୍ ମାସ୍କକୁ ପ୍ରତିଦିନ ଲଗାଇବା ଦ୍ୱାରା ତ୍ୱଚା କୋମଳ ହେଇଥାଏ ଏବଂ ଚେହେରାରେ ଚମକ ଆସିଥାଏ ।

ଆଳୁ ଏବଂ ଲେମ୍ବୁ: ଆଳୁ ଏବଂ ଲେମ୍ବୁରେ ତିଆରି ଏକ ଫେସ୍ ପ୍ୟାକ୍ ବ୍ୟବହାର କଲେ ଚେହେରାରେ ଚମକ ଆସିଥାଏ । ଏହି ପ୍ୟାକ୍ ପ୍ରସ୍ତୁତ କରିବା ପାଇଁ ୨ ଚାମଚ ଲେମ୍ବୁ ଏବଂ ମହୁକୁ ୨ ଚାମଚ ଆଳୁ ରସରେ ମିଶାନ୍ତୁ, ଏହି ତିନୋଟି ରସକୁ ମିଶ୍ରଣ କରିବା ପରେ ଏହି ପ୍ୟାକ୍ ମୁହଁରେ ଲଗାନ୍ତୁ । ଏହା ଶୁଖିଗଲେ ମୁହଁକୁ ପାଣିରେ ଧୋଇ ଦିଅନ୍ତୁ । ଏହା କରିବା ଦ୍ୱାରା ତ୍ୱଚା ସଫା ହୋଇଥାଏ ।





# ନଖ ଉପରେ ହେଉଛି କି ଧଳା ଚିହ୍ନ: ସାବଧାନ ହୋଇପାରେ ଏହି ବଡ଼ ସମସ୍ୟା

ନଖ ଆମ ସ୍ୱାସ୍ଥ୍ୟର ଅନେକ ରହସ୍ୟ ପ୍ରକାଶ କରିଥାଏ । ଯଦି ଶରୀରରେ କୌଣସି ପ୍ରକାରର ରୋଗ ଥାଏ ତେବେ ଏହାର ପ୍ରଭାବ ନଖରେ ଦେଖାଯିବା ଆରମ୍ଭ କରେ । ଅନ୍ୟପଟେ ନଖରେ ଧଳା ଦାଗ ହେବାର ଅନେକ କାରଣ ଥାଇପାରେ । ନଖରେ ଧଳା ଦାଗ ହେବାର କାରଣ ସାଧାରଣ ହୋଇନଥାଏ । ଏହା ଲ୍ୟୁକୋନିସିଆ ଦ୍ୱାରା ମଧ ହୋଇପାରେ । ନଖରେ ଆଘାତ ହେତୁ ଲ୍ୟୁକୋନିସିଆ ହୁଏ । ତେବେ ଆପଣ ଜାଣି ରଖନ୍ତୁ ନଖରେ ଧଳା ଚିହ୍ନ ହେବାର କାରଣ କ'ଣ ହୋଇପାରେ ।

**ନଖ ଉପରେ ଧଳା ଚିହ୍ନର କାରଣ-**

ନଖରେ ଧଳା ଚିହ୍ନ ପଛରେ ଏକ ଆଲର୍ଜି ପ୍ରତିକ୍ରିୟା ମଧ ହୋଇଥାଏ । ଏହା ପଛର କାରଣ ନେଲପଲିସ୍, ଗ୍ଲୋସ୍, କିମ୍ବା ନେଲପଲିସ୍ ରିମୋଭର୍ ହୋଇଥାଏ । ଆଲର୍ଜି ମଧ ନଖରେ ଧଳା ଦାଗର କାରଣ ହୋଇଥାଏ । କେବଳ ଏତିକି ନୁହେଁ, କୃତ୍ରିମ ନଖ ମଧ ନଖର କ୍ଷତି ଘଟାଇଥାଏ ।

ଫଙ୍ଗଲ୍ ସଂକ୍ରମଣ ନଖରେ ଧଳା ରଙ୍ଗ ସୃଷ୍ଟି କରିଥାଏ । ସଂକ୍ରମଣର ପ୍ରଥମ ଲକ୍ଷଣ ହେଉଛି ନଖ ଉପରେ କିଛି ଛୋଟ ଧଳା ଦାଗ । କେବଳ ଏତିକି ନୁହେଁ, ସଂକ୍ରମଣ ବୃଦ୍ଧି ହେଲେ ନଖ ମୋଟା ଏବଂ ଶୁଷ୍କ ହୋଇପାରେ । ଏପରି ପରିସ୍ଥିତିରେ, ଯଦି ଆପଣଙ୍କର ନଖରେ ଧଳା ଚିହ୍ନ ଥାଏ, ତେବେ ନିଶ୍ଚିତ ଭାବରେ ଏହାକୁ ଡାକ୍ତରଙ୍କୁ ଦେଖାନ୍ତୁ । ଅନେକ ଥର ନଖରେ ଆଘାତ ଲାଗେ । ତେବେ ଆଘାତର ୩ ସପ୍ତାହ ପରେ ନଖରେ ଧଳା ଚିହ୍ନ ଦେଖାଯାଏ । ତେଣୁ ଏହାକୁ ଅଣଦେଖା କରନ୍ତୁ ନାହିଁ । ଶରୀରରେ ଖଣିଜ ପଦାର୍ଥ କିମ୍ବା ଭିଟାମିନ୍ର ଅଭାବ ଥିଲେ ମଧ ନଖରେ ଧଳା ଚିହ୍ନ କିମ୍ବା ଦାଗ ଦେଖାଯାଏ । ପ୍ରାୟତ ଏହା ଜିଙ୍କ ଏବଂ କ୍ୟାଲସିୟମର ଅଭାବ ହେତୁ ହୋଇଥାଏ ।



**ଧଳା ଚିହ୍ନ କମାଇବା ପାଇଁ ଚିକିତ୍ସା-**

୧-ଫଙ୍ଗଲ୍ ଔଷଧ ସେବନ କରନ୍ତୁ ।

୨- ରକ୍ତରେ କୌଣସି ଅସୁବିଧା ହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

୩-ଅଧିକ କସମେଟିକ୍ ବ୍ୟବହାର କରନ୍ତୁ ନାହିଁ ।

# ଏହି ଲୋକମାନେ ଭୁଲରେ ବି ଖାଆନ୍ତୁ ନାହିଁ କାଜୁ

**ଫାଇଦା ବଦଳରେ ଭୋଗିବାକୁ ପଡିବ ଅନେକ ସମସ୍ୟା**

**କାଜୁ ଖାଇବାକୁ ଅନେକ ଲୋକେ ଭଲ ପାଇଥାନ୍ତି । କାରଣ ଏହା ପାଟିକୁ ଯେତେ ସ୍ୱାଦିଷ୍ଟ ଲାଗେ ଶରୀର ପାଇଁ ମଧ ସେତିକି ଉପଯୋଗୀ ହୋଇଥାଏ । କାଜୁରେ ଭିଟାମିନ୍, ପ୍ରୋଟିନ୍, ଫାଇବର, ଫସଫରସ୍, ସେଲେନିୟମ୍, କ୍ୟାଲସିୟମ୍, ଆଇରନ୍, ଫାଇବର, ଫୋଲେଟ୍, ମ୍ୟାଗ୍ନେସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଆଦି ଭରପୁର ମାତ୍ରାରେ ରହିଥାଏ । ଯାହା ଶରୀରକୁ ସୁସ୍ଥ ରଖିବା ସହ ତ୍ୱଚାକୁ ମଧ କୋମଳ ରଖିଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ଏପରି ବି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କୁ କାଜୁ ସେବନ କରିବାକୁ ବାରଣ କରାଯାଏ । ତେବେ ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ବ୍ୟକ୍ତିମାନଙ୍କ ବିଷୟରେ...**

ମାଇଗ୍ରେନ ସମସ୍ୟା: ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଯେଉଁ ବ୍ୟକ୍ତିମାନଙ୍କର ମୁଣ୍ଡ ବ୍ୟଥା କିମ୍ବା ମାଇଗ୍ରେନ ପରି ସମସ୍ୟା ଅଛି ସେହି ବ୍ୟକ୍ତିମାନେ କାଜୁ ସେବନ କରିବା ଉଚିତ ନୁହେଁ । କାରଣ କାଜୁରେ ଥିବା ଆମିନୋ ଏସିଡ୍ ଏହି ସମସ୍ୟାକୁ ଅଧିକ ବଢାଇ ଦେଇଥାଏ । ତେଣୁ ମାଇଗ୍ରେନ୍ ସମସ୍ୟା ଥିଲେ କାଜୁ ସେବନ ଠାରୁ ଦୂରେଇ ରୁହନ୍ତୁ ।

ପେଟ ଗ୍ୟାସ୍: କାଜୁରେ ଥିବା ଫାଇବର ସ୍ୱାସ୍ଥ୍ୟ ପାଇଁ ବହୁତ ଉପଯୋଗୀ ହୋଇଥାଏ । କିନ୍ତୁ ଅଧିକ ମାତ୍ରାରେ ଫାଇବର ପେଟ ଫୁଲିବା ବା ଗ୍ୟାସ ପରି ସମସ୍ୟାକୁ ଉତ୍ପନ କରିଥାଏ । ତେଣୁ ଏହିପରି ସମସ୍ୟା ଥିବା ବ୍ୟକ୍ତିମାନେ କାଜୁ ଖାଇବା ଉଚିତ୍ ନୁହେଁ ।

ମୋଟାପଣ: ଆପଣ ଯଦି ନିଜର ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି ତେବେ ଅଧିକ ମାତ୍ରାରେ କାଜୁ ସେବନ କରନ୍ତୁ ନାହିଁ । କାରଣ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, କାଜୁରେ ବହୁତ ମାତ୍ରାରେ କ୍ୟାଲୋରୀ ଥାଏ । ଯାହାକି ଶରୀରର ଓଜନ ବୃଦ୍ଧି କରିଥାଏ । ତେଣୁ ଯେଉଁ ବ୍ୟକ୍ତିମାନଙ୍କର ମୋଟପାଣ ସମସ୍ୟା ଅଛି ସେମାନେ କାଜୁ ଠାରୁ ନିଜକୁ ଦୂରେଇ ରଖନ୍ତୁ ।

ଉଚ୍ଚ ରକ୍ତଚାପ: କାଜୁରେ ବହୁତମାତ୍ରାରେ ସୋଡିୟମ ରହିଥାଏ । ଯାହାକି ଅଧିକ ମାତ୍ରାରେ ସେବନ କରିବା ଶରୀର ପାଇଁ କ୍ଷତିକାରକ ହୋଇଥାଏ । ତେବେ ଏପରି ସ୍ଥିତିରେ ଯଦି ଆପଣଙ୍କର ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ଥାଏ ତା ହାଲେ ଆପଣ କାଜୁ ଖାଆନ୍ତୁ ନାହିଁ । କାରଣ ଏହା ଶରୀରରେ ସୋଡିୟମର ମାତ୍ରାକୁ ବୃଦ୍ଧି କରିଥାଏ । ଫଳରେ ଶରୀରରେ ଉଚ୍ଚ ରକ୍ତଚାପ, ଚିନ୍ତା, ଏବଂ ହୃଦଘାତ ପରି ସମସ୍ୟା ସୃଷ୍ଟି କରେ ।



# କଂସରକୁ ବିପଦ ବ୍ରାହ୍ମଣୀ: ପଥରପ୍ୟାକିଂ ନହେଲେ ନଦୀଗର୍ଭରେ ଲୀନହେବ



ଲାଠିକଟା, ୧୨/୩ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ୍ ହାତୀବନ୍ଧା ପଞ୍ଚାୟତର କଂସର ଗ୍ରାମ ପାଇଁ ବିପଦ ସାଜିଛି ବ୍ରାହ୍ମଣୀନଦୀ। ଦୀର୍ଘବର୍ଷ ଧରି ଏହି ଗ୍ରାମର ୪ ବସ୍ତିରେ ରହୁଥିବା ପରିବାର ପାଇଁ ନଦୀ ଆତଙ୍କ ପାଲଟିଲାଣି। ଯଥାଶୀଘ୍ର ପଥରପ୍ୟାକିଂ କରାନଗଲେ କିଛିବର୍ଷ ମଧ୍ୟରେ ଗ୍ରାମଟି ନଦୀଗର୍ଭରେ ବିଲୀନ ହୋଇଯିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କଲେଣି। ସୂଚନା ଅନୁସାରେ, ଗ୍ରାମର ନଦୀଟୋଲା, ବାଉଁଶଟୋଲା, ଗଞ୍ଜୁବସ୍ତି, ମୁଣ୍ଡାବସ୍ତିରେ ପ୍ରାୟ ୫ ଶହ ପରିବାରର ପ୍ରାୟ ଦୁଇହଜାର ଲୋକ ବାସକରୁଛନ୍ତି। ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଏହି ଗ୍ରାମବାସୀଙ୍କ ମୁଖ୍ୟ ପେସା ଚାଷ। କିଛିଲୋକ ମୂଲମଜୁରି କରୁଥିବାବେଳେ ଆଉକିଛି ନଦୀରୁ ମାଛମାରି ଜୀବିକାର୍ଜନ କରନ୍ତି। ଚାଷବାସ ଓ ମାଛଧରା ପାଇଁ ଗ୍ରାମବାସୀ ଅନେକାଂଶରେ ନଦୀ ଉପରେ ନିର୍ଭରଶୀଳ। ନଦୀକୁ ମା' ମାନୁଥିବା ଏହି ଅଞ୍ଚଳବାସୀଙ୍କ ପାଇଁ ଏବେ ବିପଦ ପାଲଟିଲାଣି। ଗତ କିଛିବର୍ଷ ହେବ ନଦୀଟୋଲାର ଦୁଇଟିବସ୍ତିରେ ନଦୀ କୂଳଖାଉଛି। ବସ୍ତିର ୮-୧୦ ଜଣଙ୍କ ଜମି ନଦୀଗର୍ଭରେ ଲୀନହେଲାଣି। ବାପଅଜା ଅମଳର ଜମି ଚାଲିଗଲେ ସେମାନେ କରିବେ କ'ଣ ବୋଲି ଭାଳେଣି ପଡ଼ିଲାଣି। ତେଣୁ ନଦୀଟୋଲାବାସୀ ଭୟଭୀତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ଅନ୍ୟ ୩ଟି ବସ୍ତି ପ୍ରତି ମଧ ନଦୀ ବିପଦ ଉଣାଅଧିକେ ରହିଛି। ଅନ୍ୟପକ୍ଷରେ ଉପରମୁଣ୍ଡରେ ବନ୍ୟାହେଲେ ନଦୀର ଜଳସ୍ତର ବଢ଼ିଥାଏ। ଏପରିକି ବସ୍ତିରେ ସେମାନଙ୍କ ଘରପାଖକୁ ପାଣି ଆସିଯାଏ। ୭-୮ ବର୍ଷ ପୂର୍ବେ ଗ୍ରାମବାସୀ ଏ ସମସ୍ୟା ଜଣାଇବା ପରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ନଦୀକୂଳରେ ୨୦୪ ମିଟର ପଥରପ୍ୟାକିଂ କରାଯାଇଥିଲା। କିନ୍ତୁ କିଛିସ୍ଥାନରେ ଠିକ୍ ଭାବରେ କାମ କରାଯାଇନଥିବା ଗ୍ରାମର ବାନ୍ଧନା ମୁଣ୍ଡା, ଆକବର ସିଂହ, ସମରା ସିଂହ, ବୁଧୁଆ ସିଂହ, ମହେନ୍ଦ୍ର ସିଂହ, ଶୁକଦେବ ସିଂହ ପ୍ରମୁଖ ପ୍ରକାଶ କରିଛନ୍ତି। ବସ୍ତିଟିକୁ ନଦୀ ଖାଇଯିବା ପୂର୍ବରୁ ସରକାର ସମ୍ପୂର୍ଣ୍ଣ ନଦୀଟୋଲା କୂଳେକୂଳେ ପଥର ବିଛାଇଦେଲେ ଗ୍ରାମବାସୀ ରକ୍ଷା ପାଇପାରନ୍ତେ ବୋଲି କହିଛନ୍ତି। ଏ ସମ୍ପର୍କରେ ହାତୀବନ୍ଧା ସରପଞ୍ଚ ଭାରତୀ ମୁଣ୍ଡାରୀଙ୍କୁ ପଚାରିବାରୁ 'ପଥରପ୍ୟାକିଂ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି' ବୋଲି କହିଥିଲେ।

# ୧୨ ବର୍ଷ ତଳୁ ବନ୍ଦ କରିଦେଇଛି ଆରଏସପି ସାରନଗରୀ ବିଦ୍ୟାଳୟ: ୬୭ ବର୍ଷର ବିଦ୍ୟାଳୟ କୋଠା ସେମିତି ଚାହିଁ ରହିଛି

ରାଉରକେଲା, ୧୨/୩ (ନି.ପ୍ର): ରାଉରକେଲା ସହରକୁ ଲାଗି ରହିଥିବା ସାରନଗରୀ ଅଂଚଳର ସର୍ବ ପ୍ରଥମ ଓ ପୁରାତନ ଏକ ବିଦ୍ୟାଳୟକୁ୨୦୧୨ରୁ ୧୨ ବର୍ଷ ଧରି ରାଉରକେଲା ଇସ୍ପାତ କାରଖାନା ବନ୍ଦ କରିଦେଇଥିବା ବେଳେ ଏହି ବିଦ୍ୟାଳୟର ଆବଶ୍ୟକତା ଓ ଏହାର ବିଶାଳ କୋଠା ଲଙ୍ଗଳା ଅବସ୍ଥାରେ ପଡିରହିବା ଘଟଣା ସଂପ୍ରତି ଏହାର ପୁରାତମ ଛାତ୍ର ଓ ଅଂଚଳ ବାସୀଙ୍କୁ ପ୍ରତିଦିନ ଆଘାତ ଦେବାରେ ଲାଗିଛି, କିନ୍ତୁ ଦୁଃଖର କଥା ସୁନ୍ଦରଗଡ ଜିଲ୍ଲା ପ୍ରଶାସନ, ସାଂସଦ ଜୁଏଲ ଓରାମ, ବିଧାୟକ, ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖକୁ ବିଭିନ୍ନ ସ୍ତରରୁ ଏହାର ପୁନରୋଦ୍ଧାର ଲାଗି ଦାବି ଯାଇଥିଲେ ବି ସମସ୍ତେ ନିରବ । ଫଳରେ ବିଦ୍ୟାଳୟର ୨ମହଲା ଶକ୍ତ କୋଠା ସେହିଭଳି ବିକଳରେ ଚାହିଁ ରହିଛି ଓ ଆଗ ପଛରେ ଖାଲି ପଡିଛି ବିରାଟ ଏରିଆର ପଡିଆ । ଅନୁସନ୍ଧାନରୁ ଜଣାପଡିଛି ଯେ, ଏହି ବିଦ୍ୟାଳୟ ୧୯୬୭ ମସିହାରେ ଫୁଡକର୍ପୋରେସନ ଅଫ ଇଣ୍ଡିଆ ଦ୍ୱାରା ନିର୍ମିତ ହୋଇଥିଲା। ଏହା ଭିତରରେ ଏହି ବିଲଡିଂକୁ ୬୭ ବର୍ଷ ପୂରିଯାଇଛି, ତା ଭିତରେ ବଡ କଥା ହେଲା ଆଜି କାଲି ତିଆରି ହେଉଥିବା କୋଠା ମାସ କେଇଟାରେ ଫାଟି ଯାଉଛି ତ ଆଉ କେଉଁଠି ଛାତ ଗଳି ପଡୁଛି ହେଲେ ଏହି କୋଠାରେ ଏଯାଏ ଦାଗ ଟିକିଏ ଲାଗି ନାହିଁ । ରାଉରକେଲା ଇସ୍ପାତ କାରଖାନା କାଳକ୍ରମେ ଏହି କୋଠାକୁ ହାତକୁ ନେଇ ସେତେବେଳେ ୧କ୍ଲାସ ରୁ ୧୦ କ୍ଲାସ ଯାଏ ପାଠ ପଢା ଜାରି ରଖିଥିଲା । ଏଠାରୁ ଅନେକ ମେଧାବୀ ଛାତ୍ର ଛାତ୍ରୀ ବାହାରି ଦେଶ ବିଦେଶରେ କାମ କରୁଛନ୍ତି ଓ ବିଦ୍ୟାଳୟର ଅବସ୍ଥାକୁ ନେଇ ସେମାନେ ଦୁଃଖ ପ୍ରକାଶ କରୁଛନ୍ତି । ତେବେ ରାଉରକେଲା ଇସ୍ପାତ କାରଖାନା କାଳ କ୍ରମେ ଶିକ୍ଷା ବ୍ୟବସ୍ଥାକୁ ହାତରୁ ଖାସାଇବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ମଧ ହାତରୁ ଖାସାଇଲା। ଏକ ରାଷ୍ଟ୍ରାୟତ ଉଦ୍ୟାଗ ଏଭଳି ଦାୟିତ୍ୱରୁ ଓହରିଜିବା ସହ ଅନେକ ବିଦ୍ୟାଳୟ ଘରକୁ ବ୍ୟବସାୟ ଭିତିରେ ଅନେକ ଅନୁଷ୍ଠାନକୁ ଦେଇଦେଲା, ହେଲେ ସାରନଗରୀ ଠାରେ ୨୦୧୨ ରୁ ବନ୍ଦ ହୋଇଥିବା ଏହି ବିଦ୍ୟାଳୟ କୋଠାକୁ କେହି ନେଲେ ନାହିଁ କିମ୍ବା କାହାକୁ ଦିଆଗଲା ନାହିଁ। ଫଳରେ ସେମିତି ଖୋଲା ପଡିଲା ଏହି କୋଠା, କଳା ପଟା ଓ କାନ୍ଥରେ ସବୁ ଲେଖା ଯାଇଥିବା ସାର କଥା ଗୁଡିକୁ ଜିଏ ବି ଦେଖୁଛି କିଛି ସମୟ ଏହାକୁ ପଢିବା ଲାଗି ଅଟକି ଯାଉଛି । ହେଲେ ବିଦ୍ୟାଳୟଟି ସିନା ଠିଆ ହୋଇଛି କିନ୍ତୁ ସର୍ବସମ୍ମୁଖରେ ଥିବା ଏହାର ସମସ୍ତ କବାଟ, ଝରକା, ଗ୍ରିଲ ଆଦିକୁ ଚୋର ଦଳ ଲୁଟିନେଇ ଏହାକୁ ଅଧିକ ଲଙ୍ଗଳା କରିଦେଇଛନ୍ତି । ପାଇଖାନା ଗାଧୁଆ ଘରେ ମଧ ଆଉ କିଛି ନାହିଁ , ସନ୍ଧ୍ୟା ହେଲେ ଏଠି ଶୁଭୁଛି ପିଆଲାର ଠନ ଠନ ଶବ୍ଦ ଓ ବାସୁଛି ଗଂଜେଇ ଧୁଆଁ । ଏଭଳି ଅବସ୍ଥାରେ ପଡିଥିବା ଏହି ବିଦ୍ୟାଳୟକୁ ଅନ୍ୟ କୌଣସି ସଂସ୍ଥା ଦ୍ୱାରା କିଛି ବି ଚଳାଇବା ଲାଗି ଏହାର ପୁରାତନ ଛାତ୍ର ସଙ୍ଗଠନ ନେତା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଛନ୍ତି । ନିକଟ ଅତିତରେ ତତକାଳିନ ମନ୍ତ୍ରୀ ଜୁଏଲ ବାବୁ ଏହାକୁ ଅନ୍ୱେଶାଛାତ୍ରାବାସ କରିବାକୁ କହି ଆସିଥିଲେ କିନ୍ତୁ, ତାହା କଥାରେ ରହିଗଲା । ଏହି ଅଁଚଳରେ ଅନେକ ଶିକ୍ଷାନୁଷ୍ଠାନ ଏବେ ବି ଚାଲିଛି ସଂଖ୍ୟା ଦିନକୁ ଦିନ ବଢୁଛି, କିନ୍ତୁ ଏହା ପ୍ରତି ଦୃଷ୍ଟି ଦିଆଯାଉନି । ଏହାକୁ ଅନ୍ତତଃ ସରକାର କିମ୍ବା ଆରଏସପି ତାଲିମ କେନ୍ଦ୍ର କିମ୍ବା ଠିକାରେ ଦେଇ ଏହାକୁ ଅନ୍ୟ କୌଣସି କାମରେ ଲଗାଯାଇପାରିଲେ କିମ୍ବା ଡିଏଭି ଭଳି ଅନୁଷ୍ଠାନକୁ ଦିଆଗଲେ ଏହି ବିଲଡିଂ ଟି ରକ୍ଷା ପାଇବା ସହ ଏହାର ଯାଗା ମଧ ସୁରକ୍ଷିତ ରହିପାରନ୍ତା, କିନ୍ତୁ ଏନେଇ ସମସ୍ତେ ନିରବ । ନିର୍ବାଚନ ଆଗକୁ, ସମସ୍ତେ ହାତୀ କରିବୁ, ଘୋଡା ଦେବୁ ବୋଲି କହୁଥିବା ବେଳେ ସାରନଗରୀ ବାସୀ ଏହି ବିଦ୍ୟାଳୟକୁ ନେଇ ଆଗାମୀ ନିର୍ବାଚନରେ ସମସ୍ତ ନିଷ୍ପତି ନେବେ ଯାହା ଇତିହାରେ ଲିପିବଦ୍ଧ ହୋଇ ରହିବ ବୋଲି କୁହାଯାଉଛି ।

# ସୀମାନ୍ତ ଅଞ୍ଚଳ ଗାଁର ଦୁଃଖ: ପାଣି ଆଣିବାକୁ ଲାଗେ ୩ ଘଣ୍ଟା





ନୂଆପଡ଼ା, ୧୨/୩ (ନି.ପ୍ର): ପିଇବାପାଣି ମୁନ୍ଦିଏ ପାଇଁ ଲୋକେ କେତେ ଯେ କସରତ କରନ୍ତି ଦେଖିଲା ଲୋକ ହିଁ ଅନୁଭବ କରିପାରିବ। ଟୋପାଏ ପାଣି ପାଇଁ ସୀମାନ୍ତ ଅଞ୍ଚଳବାସୀ ଛତିଶଗଡ଼ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ଏପରି ଏକ ଗାଁ ହେଲା ନୂଆପଡ଼ା ଜିଲ୍ଲା ସୀମାନ୍ତ ଥାଲିପାଣି। ଗ୍ରୀଷ୍ମ ୨ ମାସ ପାଣି ପାଇଁ ଏମାନେ ଛତିଶଗଡ଼ ଉପରେ ନିର୍ଭର କରିଥାନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ସୁନାବେଡ଼ା ପଞ୍ଚାୟତ ଦୁର୍ଗମ ତଥା ମାଓବାଦୀପ୍ରବଣ ଅଞ୍ଚଳରୁ ୧୦ କିମି ଗଲେ ରହିଛି ଥାଲିପାଣି ଗ୍ରାମ। ଏହା ଏକ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ପ୍ରାୟ ୨୦୦ ଚକୋଟିଆ ଭୁଞ୍ଜିଆ ସଂପ୍ରଦାୟ ଲୋକ ବସବାସ କରୁଛନ୍ତି। ଏହି ଗାଁକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାତ୍ର ୨ଟି ନଳକୂଅ ଯୋଗାଇ ଦିଆଯାଇଛି। ପୁଣି ଏହି ନଳକୂଅ ଦୁଇଟିରୁ ଫ୍ଲୋରାଇଡ୍ ମିଶା ପାଣି ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପାଣି ବ୍ୟାବାହର କରିବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ ବୋଲି ଜାଣିଥିଲେ ମଧ ଗ୍ରାମବାସୀ ଅନ୍ୟ ଉପାୟ ନପାଇ ଏହାକୁ ପାନୀୟ ଭାବେ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏହି ପାଣି ବ୍ୟାବାହାର କରି ଗାଁର ବହୁ ଲୋକଙ୍କ ଦାନ୍ତ ହଳଦିଆ, ଗୋଡ଼ହାତ ଦରଜ ହେବା ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରୀଷ୍ମ ଆସ୍ଥରୁ ଏମାନେ ଗାଁ ନିକଟ ମୁଡ଼ାଖାଲ ନାଳରେ ଏକ ବାଲିଚୁଆ କରି କିଛି ଦିନ ପିଇବା ପାଣି ସଂଗ୍ରହ କରିଥାନ୍ତି। ପରେ ଏହି ପାଣି ଶୁଖିଯିବାରୁ ଗ୍ରାମବାସୀ ୨ କିମି ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଜିଲ୍ଲା ମେନପୁର ବ୍ଲକ୍ ନଗଡ଼ା ଗ୍ରାମ ଉପରେ ପାଣି ପାଇଁ ନିର୍ଭର କରନ୍ତି। ଗ୍ରୀଷ୍ମ ୨ ମାସ ଥାଲିପାଣି ଗ୍ରାମର ବହୁ ମହିଳା ଓ ପୁରୁଷ ଏକତ୍ର ହୋଇ ଘଞ୍ଚ ଜଙ୍ଗଲ ଭିତର ଦେଇ ନଗଡ଼ା ଗ୍ରାମକୁ ଯାଇ ଗାଧୋଇବା ସହ ପିଇବା ପାଣି ଆଣିଥାନ୍ତି। ପାଣି ଆଣିବା ପାଇଁ ଏହି ଗ୍ରାମର ମହିଳାମାନେ ଗରା ବାଲ୍‌ଟି ଧରି ସକାଳୁ ବାହାରିଯାଆନ୍ତି। ୨ କିମି ଛତିଶଗଡ଼ ନଗଡ଼ା ଗାଁରୁ ପାଣି ସଂଗ୍ରହ କରି ଗାଁକୁ ଆସିବା ପାଇଁ ୨ରୁ ୩ ଘଣ୍ଟା ସମୟ ଲାଗିଥାଏ। ଅଭୟାରଣ୍ୟ ହୋଇଥିବାରୁ ବନ୍ୟପ୍ରାଣୀ ତଥା ମାଓବାଦୀଙ୍କ ଭୟ ମଧ ରହିଥାଏ।ଏଥିପାଇଁ ପ୍ରତିଦିନ ବହୁ କଷ୍ଟ ସହିବାକୁ ପଡୁଥିବା ଗାଁର ଯୋଗେଶ୍ୱର ଛତ୍ରୀଆ, ପ୍ରେମ ସିଂ ଛତ୍ରୀଆ, ରୂପସିଂ ମାଝୀ, ଲକ୍ଷ୍ମୀଧର ମାଝୀ, ସନ୍ତରାମ ମାଝୀ, ଦେଓ୍ୱନା ମାଝୀ କହିଛନ୍ତି। ଜିଲ୍ଲା ଗଠନର ୩୦ ବର୍ଷ ହୋଇଥିଲେ ମଧ ଜିଲ୍ଲାରେ ଆଜି ବି ଚକୋଟିଆ ଭୁଞ୍ଜିଆ ସଂପ୍ରଦାୟର ଲୋକ ପିଇବା ପାଣି ପାଇଁ ଛତିଶଗଡ଼ ଉପରେ ନିର୍ଭର କରୁଥିବା ଗାଁର ନାରଦ ଛତ୍ରୀଆ, ରମେଶ ପୂଝାରୀ, ରାଜେନ୍ଦ୍ର ଚିନ୍ଦା, ଚେନୋସିଂ ଛତ୍ରୀଆ, କୁନର ଛତ୍ରୀଆ, ବୁଲୁ ଛତ୍ରୀଆ, ଟୁଲୁ ଛତ୍ରୀଆ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏହା ଉପରେ ତୁରନ୍ତ ଧ୍ୟାନ ଦେଇ ଥାଲିପାଣିକୁ ପିଇବା ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୫୬ ପ୍ରହରୀ ବିଶ୍ୱଶାନ୍ତି ନାମଯଜ୍ଞ: ଭବ୍ୟ କଳସ ଶୋଭାଯାତ୍ରାରେ ଅଂଶଗ୍ରହଣ କଲେ ୩୦୦୦ ମହିଳା



ବୀରମହାରାଜପୁର, ୧୨/୩ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗ୍ରାମରେ ଛପନ ପ୍ରହରୀ ବିଶ୍ୱଶାନ୍ତି ନାମଯଜ୍ଞ ପାଇଁ ମଙ୍ଗଳବାର ପୂର୍ବାହ୍ଣରେ ବିଶାଳ ଓ ଭବ୍ୟ କଳସଯାତ୍ରା ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରିଛି। ଏହି କଳସଯାତ୍ରା କେନ୍ଦୁପାଲିସ୍ଥିତ ବିଶ୍ୱଶାନ୍ତି ନାମଯଜ୍ଞ ମଣ୍ଡପରେ ପହଞ୍ଚିଛି। ବୈଦିକ ରୀତିରେ ପୂଜାର୍ଚ୍ଚନା ପରେ ତ୍ରିବେଣୀ ସଙ୍ଗମରୁ ଆସିଥିବା ଗଙ୍ଗା ଜଳରେ ପୂର୍ଣ୍ଣକଳସରେ ଶୋଭାଯାତ୍ରା ବୀରମହାରାଜପୁର ମୁଖ୍ୟ ଛକ ଠାରୁ ଆରମ୍ଭ ହୋଇ ରଥସାହି, ହନୁମାନ ଛକ ଦେଇ ଯଜ୍ଞମଣ୍ଡପରେ ପହଞ୍ଚିଥିଲା। ଏହି କଳସ ଯାତ୍ରାରେ ପ୍ରାୟ ୩୦୦୦ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ହରିବୋଲ, ହୁଳହୁଳି, ପାରଂପରିକ ବାଦ୍ୟର ତାଳେତାଳେ ନାମଯଜ୍ଞସ୍ଥଳକୁ ମହିଳାମାନେ ମୁଣ୍ଡରେ କଳସ ବୋହି ପହଞ୍ଚି ଥିଲେ। ପ୍ରାୟ ଦେଢ଼ କିଲୋମିଟର ରାସ୍ତାଟି ସଂପୂର୍ଣ୍ଣ ଭାବେ ଆଧାତ୍ମିକ ପରିବେଶରେ ପରିଣତ ହୋଇଯାଇଥିଲା। ୪୦ ବର୍ଷ ପରେ କେନ୍ଦୁପାଲି ଗ୍ରାମରେ ଏହି ଭବ୍ୟ ଆଧାତ୍ମିକ କାର୍ଯ୍ୟକ୍ରମ କରାଯାଉଥିବାରୁ ସ୍ଥାନୀୟ ଲୋକେ ମଧ ଉସାହିତ ଦେଖାଯାଇଥିଲେ। ଆଜିର କଳସ ଶୋଭାଯାତ୍ରାରେ କମିଟି ସଭାପତି ତଥା କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ପତି, ପରିଚାଳନା ସମ୍ପାଦକ ତ୍ରିଲୋଚନ (ମାନା) ମେହେର, ବରିଷ୍ଠ ଉପସଭାପତି ବିଷ୍ଣୁ ଚରଣ ପଣ୍ଡା, ସାଧାରଣ ସମ୍ପାଦକ ନବକୃଷ୍ଣ ମେହେର, କୋଷାଧକ୍ଷ ଶ୍ୟାମସୁନ୍ଦର ସେଠୀ, ବେଣୁଧର ମେହେର, ସଂଯୋଜକ ଯୁଗଳ କିଶୋର ମିଶ୍ର, ବରିଷ୍ଠ ଉପଦେଷ୍ଟା ଭଗବାନ ମିଶ୍ର, ପ୍ରସାଦ କମିଟିର ମୁଖ୍ୟ ଦୟାନିଧି ହୋତା, ଅକ୍ଷୟ କୁମାର ମିଶ୍ର, ଦାମ ହୋତା, ପଣ୍ଡିତ ବଳରାମ ଶତପଥୀ, ସୈମିତ୍ରୀ ମେହେର, ଧୀରେନ୍ଦ୍ର ବାଘ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତିଙ୍କ ସହିତ ସାମ୍ବାଦିକ ରବୀନ୍ଦ୍ର ହୋତା, ରାଧାକାନ୍ତ ବାଘ, ଶେଷ ଦେବ ବାରିକ୍, ସତ୍ୟବାନ ପୁରୋହିତ, ସୁଧୀର ବିଶ୍ୱାଳ, ନିଳକମର ମିଶ୍ର, ସତ୍ୟବ୍ରତ ପ୍ରଧାନ, ଶତୃଘ୍ନ ମେହେରଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀଙ୍କ ସହିତ ପ୍ରାୟ ଛଅ ହଜାରରୁ ଅଧିକ ଭକ୍ତ ସାମିଲ ହୋଇଥିଲେ। କେନ୍ଦୁପାଲି ଗ୍ରାମରେ ନାମଯଜ୍ଞ ପାଇଁ ଗତ ଡିସେମ୍ବର ୯ ତାରିଖ ଦିନ ମୂଳଦୂଆ ପଡ଼ିଥିଲା। ସେହିଦିନ ହିଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଗ୍ରାମର ଗୌନ୍ତିଆ ଶମ୍ଭୁ ମଲ୍ଲିକ ସ୍ୱସ୍ତିକ ପୂଜାରେ କର୍ତ୍ତା ଭାବରେ ରହିଥିବାବେଳେ ପଣ୍ଡିତ ରାମକୃଷ୍ଣ ପଣ୍ଡା, ଭିକାରୀ ପଣ୍ଡା, ବାମନ ପଣ୍ଡା, ମଧୁସୂଦନ ରଥ, ସଦାନନ୍ଦ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଉପଖଣ୍ଡ ପୁଲିସ ଅଧିକାରୀ ବାସୁଦେବ ଛତ୍ରିଆ, ଭାରପ୍ରାପ୍ତ ଥାନା ଅଧିକାରୀ ଦୀପ୍ତି ରଞ୍ଜନ ଦିଗାଲଙ୍କ ସମେତ ପୁଲିସ ଫୋର୍ସ ଉପସ୍ଥିତ ଥିଲେ। ସୋମବାର (ମାର୍ଚ୍ଚ ୧୧ ତାରିଖ) ଅଙ୍କୁରାରୋପଣ କରାଯାଇଥିବା ବେଳେ ୧୩ ରୁ ଛପନ ପ୍ରହରୀ ନାମଜଜ୍ଞ, ଭାଗବତ ସପ୍ତାହ ପାରାୟଣ, ପ୍ରବଚନ ଓ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାର୍ଚ୍ଚ ୨୦ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନାମଯଜ୍ଞକୁ ଆସୁଥିବା ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଛି ବୋଲି କମିଟିର ସଂଯୋଜକ ଯୁଗଳ କିଶୋର ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରେ ଜଗନ୍ନାଥ ଦ୍ୱାର, ପଶ୍ଚିମରେ ନୃସିଂହନାଥ, ଉତ୍ତରରେ ଅଯୋଧ୍ୟାର ରାମମନ୍ଦିର ଓ ଦକ୍ଷିଣରେ ଦ୍ୱାରିକାନାଥ ମନ୍ଦିରର ସଦୃଶ ତୋରଣ ନିର୍ମାଣ କରାଯାଇଛି। ମଣ୍ଡଳୀର ଶୀର୍ଷ, ମଝି ଓ ତଳ ଅଂଶ ଘୁରିବ। ଏହା ଦ୍ୱାରା ଦର୍ଶକମାନେ ଦୂରରୁ ଥାଇ ସବୁ ମୂର୍ତ୍ତିଗୁଡ଼ିକ ଦେଖିବାରେ ସୁବିଧା ହେବ। ଏତଦବ୍ୟତୀତ ସତ୍ୟ, ଦ୍ୱାପର, ତ୍ରେତୟା ଓ କଳିଯୁଗରେ ଭଗବାନଙ୍କ ଲୀଳାଖେଳା ଉପରେ ଆଧାରିତ ମୂର୍ତ୍ତି ନିର୍ମାଣ କରାଯାଇଛି।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ମାଲକାନଗିରି, ୧୨/୩ (ନି.ପ୍ର): ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ତରଫରୁ ସ୍ଥାନୀୟ ସରକାରୀ ବହୁବୃତି ଅନୁଷ୍ଠାନ ମାଲକାନଗିରି ଠାରେ ୧୦ତମ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖାର ସଭାପତି ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ତପନ କୁମାର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାଶ ଯୋଗଦାନ କରିଥିଲେ। ସରକାରୀ ବହୁବୃତି ଅନୁଷ୍ଠାନ ମାଲକାନଗିରିର ଭାରପ୍ରାପ୍ତ ଅଧ୍ୟକ୍ଷ ବିପିନ ବିହାରୀ ନାୟକ ଓ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏବଂ ଉତ୍କଳ ସମ୍ମିଳନୀର ସଦସ୍ୟ ଉପସ୍ଥିତ ଥିଲେ। ସଭା ଆରମ୍ଭରୁ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ମଧୁସୂଦନ ଦାସଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ୨୦୧୪ ଆଜିର ଦିନରେ ଓଡ଼ିଆ ଭାଷାକୁ ଷଷ୍ଠତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯାଇଥିବାରୁ ଆଜି ମାଲକାନଗିରି ଜିଲ୍ଲାରେ ୧୦ତମ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରି ପ୍ରତ୍ୟେକ ଦୋକାନ ଓ ବ୍ୟବସାୟ ଅନୁଷ୍ଠାନ ଗୁଡିକୁ ଓଡ଼ିଆରେ ନାମ ଫଳକ ଲେଖିବା ପାଇଁ ମତପ୍ରକାଶ ପାଇଥିଲା। ସମସ୍ତ ଛାତ୍ରଛାତ୍ରୀ ଓ ମାଲକାନଗିରିରେ ବସବାସ କରୁଥିବା ଅଧିବାସୀ ମାନଙ୍କୁ ମାଟି, ମାଆ ଏବଂ ମାତୃଭାଷାକୁ ଭଲ ପାଇବା ପାଇଁ ମୁଖ୍ୟ ଅତିଥି ନିବେଦନ କରିଥିଲେ। ଉତ୍କଳ ସମ୍ମିଳନୀ ଥିଲା ବୋଲି ଆମେ ଆଜି ଓଡ଼ିଆ ଅଛୁ। ଉତ୍କଳ ସମ୍ମିଳନୀର କାର୍ଯ୍ୟକ୍ରମକୁ ମାଲକାନଗିରିରେ ତ୍ୱରାନ୍ୱିତ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ଅନୁରୋଧ କରାଯାଇଛି।

# କେବିକେ ଅଂଚଳରେ ରେଳପଥର ବିକାଶ - ଏକ ସମ୍ଭାବନା

ବଲାଙ୍ଗିର, ୧୨/୩ (ନି.ପ୍ର): ସ୍ଥାନୀୟ ପି.ପି. ଏକାଡେମୀ ସମ୍ମିଳନୀ କକ୍ଷରେ ପ୍ରବୁଦ୍ଧ ପାଠକ ସଂସଦର ଏକ ଆଲୋଚନା ଚକ୍ର ନୀଳମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । "ଭିଜନ ୨୦୩୪- କେବିକେ ଅଂଚଳରେ ଆଗାମୀ ଦଶ ବର୍ଷ ମଧ୍ୟରେ ରେଳପଥର ବିକାଶର ଏକ ବ୍ଲୁ ପ୍ରିଂଟ" - ବିଷୟ ଆଧାରରେ ମୁଖ୍ୟ ଅତିଥି ଡ. ଶ୍ରୀକର ମିଶ୍ର, ମୁଖ୍ୟବକ୍ତା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ମାନିତ ଅତିଥି ସତ୍ୟବନ୍ତ ବେଦବାକ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ମଂଚାସୀନ ଅତିଥିଗଣ ଶ୍ରୀ ଗଣେଷଙ୍କୁ ପୂର୍ଜାଚନା କଲା ପରେ କସ୍ତୁରୀ ରଥ ଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସଭ୍ୟ ପ୍ରଫେସର ତରୁଣ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସେମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ । ସଂସଦର ସଭ୍ୟା କବିତା ମିଶ୍ର ଏବଂ ଅନୁପ୍ରିୟା ମିଶ୍ର ମଂଚାସୀନ ଅତିଥିଗଣଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଉପ-ସଭାପତି ଜୟରାମ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଂସଦ ସଂପର୍କରେ ସୂଚନା ଦେଇଥିଲେ । ଅତିଥିଗଣ ରେଳ ଉପଭୋକ୍ତା ସଂଘ, ବଲାଙ୍ଗିର ପୂର୍ବତନ ସଭାପତି ନୀଳମଣି ମିଶ୍ର, ବିକ୍ରମାନନ୍ଦ ବହିଦାର, ଧମବ୍ରତ ରଥ ତଥା ପୂର୍ବତନ ସମ୍ପାଦକ ଜୟରାମ ମିଶ୍ର, ଗୋପବନ୍ଧୁ ପୁରୋହିତ ଏବଂ ବର୍ତମାନ କାର୍ଯ୍ୟରତ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସମ୍ପାଦକ ଦିବାକର ହୋତାଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ପୂର୍ବତନ ସମ୍ପାଦକ ଶଙ୍କର ପ୍ରସାଦ ହୋତା ଏବଂ ନାରାୟଣ ପାଢୀଙ୍କ ମାନପତ୍ର ପଠନ କରାଯାଇଥିଲା । ପରେ ଅତିଥି ଗଣ ଅଂଚଳର ରେଳପଥର ବିକାଶ ପାଇଁ ବଲାଙ୍ଗିର-ନୂଆପଡା ଏବଂ ବରଗଡ - ରାୟପୁର ନୂତନ ରେଳପଥର ନିର୍ମାଣ ତଥା ସମ୍ବଲପୁର ଟିଟିଲାଗଡ ରେଳପଥରକୁ ତିନିଲେନ୍ ବିଶିଷ୍ଟ କରିବା ଓ ଅନ୍ୟାନ୍ୟ ବିକାଶ କାର୍ଯ୍ୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଭବାନୀ ଶଙ୍କର ଶତପଥି, ଧମଞ୍ଜୟ ମିଶ୍ର, ପ୍ରଭାକର ମିଶ୍ର, ମଧୁସୁଦନ ନାୟକ, ଧର୍ମବ୍ରତ ରଥ, ପ୍ରଶନ୍ନ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ମହାକୁର, ଗିରିଜା ଶଙ୍କର ରଥ, ଋତୁରାଜ ସିଂ, ମହେଶ୍ୱର ସାହୁ, ଗୌର ଚନ୍ଦ୍ର ପୁରୋହିତ, ମୋତିଲାଲ ସାହୁ, ଅନନ୍ତ ବିଶୋଇ, ବ୍ରଜରାଜ ପୁରୋହିତ, ନରେନ୍ଦ୍ର ବଗର୍ତି, ଅଜିତ ପୁଜାରୀ, ଅନନ୍ତ ବିଶୋଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସମ୍ପାଦକ ଶୁଭ୍ରାଂଶୁ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲକାନଗିରି ପଂଚାୟତ ସମିତି ମିଶନଶକ୍ତି କାଫେର ଶୁଭ ଉଦ୍ଘାଟନ

ମାଲକାନଗିରି, ୧୨/୩ (ନି.ପ୍ର): ମହିଳାଙ୍କ ବିକାଶକୁ ଗତି ଦେଇ ସେମାନଙ୍କ ପ୍ରଗତିକୁ ତ୍ୱରାନ୍ୱିତ କରୁଛି ମିଶନ ଶକ୍ତି। ରୂପାନ୍ତରଣ ଯାତ୍ରାରେ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ମା ହୋଇଛନ୍ତି ନବୀନ ଓଡ଼ିଶାର ଭାଗିଦାରୀ। ମହିଳା ସଶକ୍ତିକରଣରେ ଓଡ଼ିଶା ହୋଇଛି ସବୁଠୁ ଆଗରେ ।ବଢ଼ିଛି ଆତ୍ମବିଶ୍ୱାସ,ମହିଳା ହୋଇଛନ୍ତି ସଶକ୍ତ। ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ସ୍ତରରେ ମହିଳାଙ୍କ ସହଭାଗୀତା ରାଜ୍ୟର ପ୍ରଗତିକୁ ନୂଆ ଦିଶା ଦେଇଛି। କେବଳ ମହିଳାଙ୍କୁ ଶିକ୍ଷା ଓ ରୋଜଗାର ନୁହେଁ, ସେମାନେ କିପରି ନିଜର ଅଧିକାର ପାଇପାରିବେ ଓ ନିଜକୁ ସଶକ୍ତ କରିପାରିବେ, ତାହାର ସୁନିଶ୍ଚିତତା ଦେଇଛନ୍ତି ନବୀନ। ଜମି ଅଧିକାର, ଆଇନ ଅଧିକାର ଭଳି ଅନେକ ପଦକ୍ଷେପ ପାଇଁ ମହିଳା ସଶକ୍ତିକରଣରେ ଓଡ଼ିଶା ଦେଶରେ ନିଆରା ହୋଇଛି। ମହିଳା ଆଜି ସଶକ୍ତ, ସ୍ୱାବଲମ୍ବୀ । ଘର ଚାରିକାନ୍ଥ ଭିତରେ ଆଉ ଆବଦ୍ଧ ନୁହଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମିଶନ ଶକ୍ତି ଜରିଆରେ ମହିଳା ଆଜି ସୃଷ୍ଟି କରିପାରିଛନ୍ତି ଭିନ୍ନ ପରିଚୟ ମିଶନଶକ୍ତିକାଫେମହିଳାଙ୍କୁ କରିଛିସ୍ୱାବଲମ୍ବୀ କାଫେରେ ଖାଦ୍ୟ ପ୍ରସ୍ତୁତ କରି ରୋଜଗାରକ୍ଷମ ପାଲଟିଛନ୍ତି ମାଲକାନଗିରି ଜିଲ୍ଲାର ବହୁ ମହାସଂଘ ମହିଳା ନିଜେ ରୋଜଗାର କରିବା ସହିତ ଅନ୍ୟକୁ ଦେଉଛନ୍ତି ରୋଜଗାର । ମାଲକାନଗିରି ପଂଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତୀ ଝଡ଼ିଆ ଙ୍କ ଅଧ୍ୟକ୍ଷତାରେ ଆଜି ମାଲକାନଗିରି ଜିଲ୍ଲା ର ସଦର ପଂଚାୟତ ସମିତି ପ୍ରାଙ୍ଗଣ ରେ ମିଶନଶକ୍ତି କାଫେର ଶୁଭ ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇ ଥିବା ବେଳେ ନିମନ୍ତ୍ରିତ ଭବ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲାପାଳ ସଚିନ ପାଓ୍ୱାର ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସମାରୀ ତାଙ୍ଗୁଲ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଛନ୍ତି ।

# ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଓ ପ୍ରଶାସନର ଅବହେଳା ଯୋଗୁଁ ବାଲିଆପାଳର ବିକାଶ ମନ୍ଥର

ଲଙ୍ଗଳେଶ୍ୱର , ୧୨/୩ (ନି.ପ୍ର): ରାଜନେତା ତଥା ଲୋକ ପ୍ରତିନିଧିମାନଙ୍କ ଦୃଢ଼ ଇଚ୍ଛା ଶକ୍ତିର ଅଭାବ ଓ ପ୍ରଶାସନର ସ୍ଥାଣୁତା ଯୋଗୁଁ ବାଲିଆପାଳର ବିକାଶ ମନ୍ଥର। ଅନ୍ୟ ବ୍ଲକ ଲୋକଙ୍କ ତୁଳନାରେ ଏହି ବ୍ଲକ ଲୋକଙ୍କ ମୁଣ୍ଡ ପିଛା ରୋଜଗାର କମ୍। ପ୍ରତିଦିନ ରୋଜଗାର ଆଶାରେ ଶହ ଶହ ବେକାର ଯୁବକ ଯୁବତୀ କାମ ଧନ୍ଦା ଅନ୍ୱେଷଣରେ ପଡୋଶୀ ଆନ୍ଧ୍ର, ସୁରଟ, କଲିକତା, ନୂଆ ଦିଲ୍ଲୀକୁ ଦାଦନ ଯାଆନ୍ତି। ପାନ ଧାନ ମୀନ ପାଇଁ ବାଲିଆପାଳ ସାରା ଓଡ଼ିଶାରେ ବିଖ୍ୟାତ। ପ୍ରତିଦିନ ଟନ୍ ଟନ ମଧୁର ଜଳ ଓ ସାମୁଦ୍ରିକ ମାଛ ମରାଯାଇ ବାହାରକୁ ରପ୍ତାନି କରାଯାଉ ଥିଲା। ଏବେ ଏଅଞ୍ଚଳର ୫୦/୬୦ ହଜାର ମତ୍ସଜୀବୀ ସରକାରୀ ପ୍ରୋତ୍ସାହନ ଅଭାବରୁ ଧନ୍ଦା ଛାଡ଼ିବାକୁ ବସିଛନ୍ତି। ମତ୍ସଜୀବୀ ସଂଘର ନାରାୟଣ ବେହେରା, ହରିହର ରାୟ, ଅର୍ଜ୍ଜୁନ ବେହେରା, ପୂର୍ଣ୍ଣ ଚନ୍ଦ୍ର ଜେନା, ସୁଶାନ୍ତ ବେହେରା, ରବୀନ୍ଦ୍ର ବେହେରା, ପ୍ରଶାନ୍ତ ଦାସ, ହରେକୃଷ୍ଣ ଜେନା, ସଞ୍ଜୟ ଜେନା, ସୁରଥ ବେହେରା ପ୍ରମୁଖ ମତ୍ସ ବିଭାଗକୁ ଋଣ ପାଇଁ ଆବେଦନ କରି ଏବେ ନିରାଶ ହୋଇ ବସିଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ ୧୫ ଦିନ ମଧ୍ୟରେ ଯଦି ପ୍ରଶାସନ ନ କରନ୍ତି ତାହେଲେ ସେମାନେ ଭୋଟ ବର୍ଜନ ଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହେବେ ବୋଲି କହିଛନ୍ତି। କଙ୍କଡ଼ା ପାଳ, ଚଉମୁଖ, ଡଗରା, ଯମୁନାଶୂଳ, ହଂସକରା, କଷାଫଳ ଆଦି ମତ୍ସ୍ୟ ଅବତରଣ କେନ୍ଦ୍ର ରହିଛି। ଚଉମୁଖ, ଡଗରା , ବେତଗଡିଆ, ଆଲାଡ଼ିହା, ନୂଆଗାଁ, ସାଉଡି, ଜମ୍ବିରାଇ, ବୋଲଂ, ଜାମକୁଣ୍ଡା ଆଦି ପଞ୍ଚାୟତ ରେ ପ୍ରାୟେ ସତୁରି ପ୍ରତିଶତ ଲୋକ ମତ୍ସ୍ୟଜୀବୀ। ସେହିପରି ଏଠିକାର ଷୋଳସା ପାଣ୍ଡକୁ ଉତ୍ତର ବାଲେଶ୍ୱରର ଭାତ ଥାଳି ବୋଲି କୁହାଯାଏ। କିନ୍ତୁ ସରକାରଙ୍କ ଉଠା ଜଳସେଚନ ପ୍ରକଳ୍ପ ଏଠାରେ କାର୍ଯ୍ୟ କରୁ ନାହିଁ। ଘରୋଇ ଉଦ୍ୟୋଗରୁ ଅଧିକ ଟଙ୍କା ଦେଇ ଚାଷୀମାନେ ଚାଷ କରିବା ପାଇଁ ବାଧ୍ୟ ହୁଅନ୍ତି। ସରକାରୀ ଧାନ କ୍ରୟ କେନ୍ଦ୍ର ଚାଷୀଠୁ ଧାନ ନ କିଣି ଦଲାଲ୍ ମାନଙ୍କଠୁ କିଣନ୍ତି। ସେହିପରି ଏ ଅଞ୍ଚଳର ପାନ ଅତୀତ ରେ ଦେଶ ବିଦେଶରେ ଖୁବ୍ ଚାହିଦା ଥିଲା। ବିଶ୍ୱ ମହାମାରୀ କରୋନା ପରଠୁ ବାଲିଆପାଳର ପାନ ଆଉ ବାହାରକୁ ଯାଉ ନାହିଁ। ଦିନେ ନୂଆ ଦିଲ୍ଲୀ, ଲକ୍ଷ୍ନୌ, ଆନ୍ଧ୍ର, ବନାରସ, କଲିକତା ଆଦି ମହା ନଗରୀରେ ଖୁବ୍ ଚାହିଦା ଥିଲା। ଏବେ ପାନରେ ପତ୍ର ପୋଡ଼ା ରୋଗ ଦାଉ ସାଧୁଛି। ଅନେକ ଚାଷୀ ଚାଷ ଛାଡ଼ିବାକୁ ବସିଛନ୍ତି। ପାନ ଚାଷୀଙ୍କୁ କୌଣସି ସରକାରୀ ପ୍ରୋତ୍ସାହନ ମିଳୁ ନାହିଁ। ଲୋକ ପ୍ରତିନିଧି ମାନଙ୍କ ଅବହେଳାରୁ ଏହି ବ୍ଲକରେ କୌଣସି ଗୋଟିଏ ହେଲେ ବି ଶୀତଳ ଭଣ୍ଡାର ହୋଇ ପାରିଲା ନାହିଁ। କୋଷ୍ଟ କେନାଲର ପୁନରୁଦ୍ଧାର ଓ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ନାଲି ଫିତା ତଳେ ଚାପି ହୋଇ ରହିଛି। ବନ୍ୟା ପ୍ରତିବର୍ଷ ଦାଉ ସାଧୁଛି। ବନ୍ୟା ନିୟନ୍ତ୍ରଣ ହୋଇ ପାରୁ ନାହିଁ। ପର୍ଯ୍ୟଟନ କେନ୍ଦ୍ର ଡଗରା, ଚଉମୁଖ, ଯମୁନାଶୂଳ, ଲଙ୍ଗଳେଶ୍ୱର ର କୌଣସି ଉନ୍ନତି ହୋଇ ନାହିଁ। ଅନୁଦାନ ଆସି ଫେରିଯାଉଛି। ଏହାଠୁ ବଳି ଆଉ କଣ ବିଡମ୍ବନା ଅଛି। ରାସ୍ତା ଘାଟ କଥା ନ କହିଲେ ନ ସରେ। ବାଲିଆପାଳ ଡଗରା, ପଞ୍ଚୁପାଲି କାଳିପଦା, ଲଙ୍ଗଳେଶ୍ୱର କଷାଫଳ , ଖପରାପଦା ପାଳପଡ଼ା ଭାୟା ନିଖିରା ରାସ୍ତା ବର୍ଷ ବର୍ଷ ଧରି ଅବହେଳିତ ହୋଇ ପଡି ରହିଛି। ସମବାୟ ସୂତା କଳର ପୁନରୁଦ୍ଧାର ହୋଇ ପାରି ନାହିଁ। ପାନୀୟ ଜଳ ଯୋଗାଣ, ବିଦ୍ୟୁତ କରଣ, ଫିସ୍ ଲେଣ୍ଡିଂ ସେଣ୍ଟର, ବାତ୍ୟା ସତର୍କ ସୂଚନା ପ୍ରଦାନ କେନ୍ଦ୍ର, ଦିଗ ନିର୍ଣ୍ଣୟ କେନ୍ଦ୍ର, ଝୋଟ ନିଗମ ଆଦି କାର୍ଯ୍ୟ ନ ହୋଇ ପରିବା ବିଡମ୍ବନା। ବାଲିଆପାଳ କୁ ସରକାର ଏନ୍ ଏ ସି ଘୋଷଣା ନ କରିବା ଲୋକ ପ୍ରତିନିଧିମାନଙ୍କ ଅପାରଗ ପଣକୁ ଆଙ୍ଗୁଳି ନିର୍ଦ୍ଦେଶ କରୁ ନାହିଁ କି ? ଏବେ ନିର୍ବାଚନ ସମୟ, ଦେଖି ବାକୁ ବାକି ରହିଛି କେଉଁ ଦଳ କେତେ ପ୍ରତିଶ୍ରୁତି ଦେଉଛି।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କନିଷ୍ଠ ଶିକ୍ଷକ ଚୟନ ଅନିୟମିତତା ....

କାରଣ ଏହା ଜିଲ୍ଲାଭିତ୍ତିକ କ୍ୟାଡର । ଏଥିରେ ନିଯୁକ୍ତି ପାଉଥିବା କନିଷ୍ଠ ଶିକ୍ଷକଙ୍କ ଚାକିରି ଆରମ୍ଭ ସହ ଶେଷ ବି ସେହି ଜିଲ୍ଲାରେ ହେବ । ତେଣୁ ଚୟନ ପ୍ରକ୍ରିୟା ବି ଜିଲ୍ଲାୱାରୀ କରିବାର ଆବଶ୍ୟକତା ରହିଛି ବୋଲି ଆବେଦନପତ୍ରରେ ଉଲ୍ଲେଖ କରାଯାଇଥିଲା। ମାତ୍ର ଓସେପା ଏହି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରି ରାଜ୍ୟବ୍ୟାପି ସିଙ୍ଗଲ ମେରିଟ ଲିଷ୍ଟ ପ୍ରକାଶ କରିଥିଲା। ଯାହାକୁ କି ଆବେଦନକାରୀମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟ ଶୁଣାଣି ବେଳେ କୋର୍ଟ ଏହି ନିୟମ ଉପରେ ଗତ ଡିସେମ୍ବରରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କଲେ। ମାତ୍ର ଉକ୍ତ ସମୟରେ କନିଷ୍ଠ ଶିକ୍ଷକ ଚୟନ ପ୍ରକ୍ରିୟା ଜାରି ରହିଥିବାରୁ କୋର୍ଟ ଏଥିରେ ବାଧା ସୃଷ୍ଟି କରି ନ ଥିଲେ। ଏହି ପ୍ରକ୍ରିୟା ଜାରି ରହିବ , କିନ୍ତୁ ରାଜ୍ୟ ସରକାର କୌଣସି ଚୂଡ଼ାନ୍ତ ମେରିଟ ଲିଷ୍ଟ ପ୍ରକାଶ କରି ପାରିବେନି କି ନିଯୁକ୍ତି ଦେଇ ପାରିବେନି ବୋଲି କୋର୍ଟ କହିଥିଲେ। ଆଜି ଚୂଡ଼ାନ୍ତ ରାୟ ପ୍ରକାଶ ବେଳେ ପ୍ରାଥମିକ ମେରିଟ ଲିଷ୍ଟକୁ କୋର୍ଟ ଖାରଜ କରିବା ସହ ପରବର୍ତ୍ତୀ ସମୟରେ ସରକାର ଦାଖଲ କରିଥିବା ଜିଲ୍ଲାୱାରୀ ମେରିଟ୍ ଲିଷ୍ଟକୁ ବି ଖାରଜ କରି ଦେଇଥିଲେ। ନିଯୁକ୍ତି ସର୍ତ୍ତାବଳୀ ଅନୁଯାୟୀ ଏଣିକି ପ୍ରାର୍ଥୀମାନଙ୍କୁ ଜିଲ୍ଲାୱାରୀ ଚୟନ କରାଯାଇ ଜିଲ୍ଲାୱାରୀ ନିଯୁକ୍ତି ଦିଆଯିବ । ଏଥିନିମନ୍ତେ ସାନି ମେରିଟ ଲିଷ୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ୨୦ ହଜାର କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ଦେଖାଦେଇଥିବା ଅନିଶ୍ଚିତତାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

### କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ...

ଗେହଲଟଙ୍କ ପୁଅ ବୈଭବଙ୍କୁ ମଧ୍ୟ କଂଗ୍ରେସ ଟିକେଟ ଦେଇଛି। ସେ ରାଜ୍ୟର ଜାଲୋରେ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ୨୦୧୯ରେ ସେ ଯୋଧପୁର ଆସନରୁ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ତାଙ୍କୁ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ଠାରୁ ହାରିବାକୁ ପଡ଼ିଥିଲା। ଏଥର ଜୁନିୟର ଗେହଲଟ ଜାଲୋରେ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ରାଜସ୍ଥାନର ପୂର୍ବତନ ପୁଲିସ ମୁଖ୍ୟ ହରିଶ ମୀନା ଟୋଙ୍କ-ସାୱାଇ ମାଧୋପୁର ଆସନରୁ ନିର୍ବାଚନ ଲଢ଼ିବେ। ନିକଟରେ ବିଜେପି ଛାଡ଼ି କଂଗ୍ରେସରେ ମିଶିଥିବା ରାହୁଲ କାସୱା ଚୁରୁରୁ ଓ ବ୍ରିଜେନ୍ଦ୍ର ଓଲା ଝୁନଝୁନ ଆସନରୁ ଟିକେଟ ପାଇଛନ୍ତି। ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କ ପୁଅ ଗୌରବ ଗୋଗୋଇ ମଧ୍ୟ କଂଗ୍ରେସ ପୁଣି ଟିକେଟ ଦେଇଛି। ୨୦୧୯ରେ ଗୌରବ କାଲିଆବୋର ନିର୍ବାଚନ ମଣ୍ଡଳୀରୁ ଜିତି ଲୋକସଭାକୁ ଯାଇଥିଲେ। ଏଥର କିନ୍ତୁ ତାଙ୍କ ଆସନ ବଦଳି ଯାଇଛି। ସେ ୨୦୨୪ରେ ଜୋରହାଟ ଆସନରୁ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ ତା'ର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଆସାମର ୧୨, ଗୁଜରାଟର ୭, ମଧ୍ୟପ୍ରଦେଶର ୧୦, ରାଜସ୍ଥାନର ୧୦ ଓ ଡାମନ ଆଣ୍ଡ ଡ୍ୟୁର ଗୋଟିଏ ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଦଳ ଆଜି ଘୋଷଣା କରିଥିବା ତାଲିକାରେ ସଂଖ୍ୟାଲଘୁ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଓବିସି ବର୍ଗର ଲୋକଙ୍କୁ ଅଧିକ ପ୍ରାଧାନ୍ୟ ଦେଇଛି। ମୋଟ ୪୩ ଜଣଙ୍କ ମଧ୍ୟରୁ ୭୬.୭% ହେଉଛନ୍ତି ଉପରୋକ୍ତ ବର୍ଗର ଲୋକ।

### ରାତିର ଅନ୍ଧାରରେ ଖସି ଯାଉଥିଲା ....

ଠାରୁ ୩୫୦ କିମି ଦୂରରେ ସନ୍ଦିଗ୍ଧ ଗତିବିଧି ଦେଖିବାକୁ ମିଳିଥିଲା। ଏହାପରେ ଭାରତୀୟ ତଟରକ୍ଷୀ ବାହିନୀ ଓ ଅନ୍ୟ ସୁରକ୍ଷା ଏଜେନ୍ସି ପକ୍ଷରୁ ଅପରେସନ ଆରମ୍ଭ କରିଥିଲେ। ଅପରେସନରେ ତଟରକ୍ଷୀ ବାହିନୀ ସହ ଏନସିବି ଓ ଗୁଜରାଟ ପୁଲିସ୍‌ର ଆତଙ୍କବାଦ ନିରୋଧ ସ୍କ୍ୱାଡ ମଧ୍ୟ ସାମିଲ ହୋଇଥିଲେ। ସୋମବାର ଗୁଇନ୍ଦା ବିଭାଗର ସୂଚନା ଆଧାରରେ ତଟରକ୍ଷୀ ବାହିନୀ ଆରବ ସାଗରରେ ତା'ହାର ଜାହାଜକୁ ନିର୍ଦ୍ଦିଷ୍ଟ ସ୍ଥାନରେ ମୁତୟନ କରି ରଖିଥିଲା। ଏହାବାଦ ଉକ୍ତ ଅଞ୍ଚଳରେ ସନ୍ଦିଗ୍ଧ ବୋଟକୁ ଠାବ କରିବା ପାଇଁ ଡ୍ରୋନିଅର ଏୟାରକ୍ରାଫ୍ଟ ମଧ୍ୟ ଉକ୍ତ ସ୍ଥାନରେ ବୁଲୁଥିଲା। ବଡ଼ଧରଣର ସର୍ଚ୍ଚ ଅପରେସନ ବେଳେ ଗୋଟିଏ ଡଙ୍ଗା ସନ୍ଦିଗ୍ଧ ଭାବେ ବୁଲୁଥିବା ଦେଖିବାକୁ ମିଳିଥିଲା। ମଝି ସମୁଦ୍ରରେ ଘୋର ଅନ୍ଧକାର ମଧ୍ୟରେ ଡଙ୍ଗାର ଗତିବିଧି ଦେଖି ସନ୍ଦେହ ବଢ଼ିଥିଲା। ଡଙ୍ଗାକୁ ଅଟକିବାକୁ କୁହାଯିବାରୁ ଏହାର ଗତି ବଢ଼ି ଯାଇଥିଲା। କିନ୍ତୁ ଭାରତୀୟ ସୁରକ୍ଷାକର୍ମୀମାନେ ଏହାର ପିଛା କରିଥିଲେ ଓ ଡଙ୍ଗାଟିକୁ ଅଟକାଇଥିଲେ। ବୋର୍ଡିଂ ଟିମ ତୁରନ୍ତ ଡଙ୍ଗା ଭିତରକୁ ଯିବା ସହ ଯାଞ୍ଚ ଆରମ୍ଭ କରିଥିଲେ। ଏହି ସମୟରେ ଡଙ୍ଗା ଭିତରୁ ୪୮୦ କୋଟି ଟଙ୍କାର ଡ୍ରଗ୍ସ ମିଳିଥିଲା। ସେହିପରି ଏହା ମଧ୍ୟରେ ୬ ଜଣ ପାକିସ୍ତାନୀ ଥିଲେ। ସେମାନଙ୍କୁ ଉପକୂଳକୁ ଅଣା ଯିବା ସହ ଗିରଫ କରାଯାଇଛି। ଏଥିସହ ଘଟଣାର ଅଧିକ ତଦନ୍ତ କରାଯାଉଥିବା ତଟରକ୍ଷୀ ବାହିନୀ କହିଛି।

# ନୀଳଗିରି ଉପଖଣ୍ଡ ବାରକାଉନସିଲ ପାଇଁ ନାମାଙ୍କନ ପତ୍ର ଦାଖଲ

ନୀଳଗିରି , ୧୨/୩ (ନି.ପ୍ର): ଚଳିତ ୨୦୨୪/୨୫ବର୍ଷ ପାଇଁ ଓଡ଼ିଶା ରାଜ୍ୟ ବାରକାଉନସିଲ କଟକଙ୍କ ନିର୍ଦ୍ଦେଶରେ ନୀଳଗିରି ଉପଖଣ୍ଡ ବାର ଏସୋସିଏସନ୍ ନିର୍ବାଚନ ପାଇଁ ଗତ ୧୧ଓ ୧୨ତାରିଖ ଦୁଇଦିନ ଧରି ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ମୋଟ ୧୨ଗୋଟି ପୋଷ୍ଟ ପାଇଁ ଏହି ଦୁଇଦିନରେ ୧୨ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ତେବେ ନିର୍ବାଚନରେ କୌଣସି ପ୍ରତିଦ୍ୱନ୍ଦୀ ନଥିବା ବେଳେ ଏହି ନିର୍ବାଚନ ନାମକୁ ମାତ୍ର ନିର୍ବାଚନ ହେବ। ଦୀର୍ଘ ୨୩ବର୍ଷଧରି ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇ ଆସୁଥିବା ବେଳେ ସୂଚାରୁ ରୂପେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ଚଳିତ ନିର୍ବାଚନରେ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଭାପତି ଭାବରେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଉପସଭାପତି ପାଇଁ ଯତୀନ୍ଦ୍ର ନାୟକ ଓ ଗୌରହରି ବେହେରା, ସମ୍ପାଦକ ପାଇଁ କିଶୋର କୁମାର ଦାସ, ସହସମ୍ପାଦକ ପାଇଁ ଜୟନ୍ତ କୁମାର ସ ଓ ସୁରେଶ କୁମାର ବାରିକ, କୋଷାଧ୍ୟକ୍ଷ ପଦ ପାଇଁ ଦେବାନନ୍ଦ ଦାସ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ବିଘ୍ନେଶ୍ୱର ବାରିକ, ସାଗରିକା ଷଡ଼ଙ୍ଗୀ, କାହ୍ନୁ ରଞ୍ଜନ ବାରିକ , ପ୍ରଶାନ୍ତ କୁମାର ମଲ୍ଲିକ, ତନୟ କୁମାର ପାତ୍ର ନାମାଙ୍କନ ଦାଖଲ କରିଥିବା ନିର୍ବାଚନ ଅଧିକାରୀ କାର୍ତ୍ତିକ କୁମାର ରାଉତଙ୍କ ଠାରୁ ସୂଚନା ମିଳିଛି।

# ଇଫଂକୋ ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ

ପାରାଦୀପ, ୧୨/୩ (ନି.ପ୍ର): ଇଫଂକୋ ପାରାଦୀପ ୟୁନିଟ ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ଉଦଯାପିତ ହୋଇଯାଇଛି କ୍ଷ ଚଳିତ ମାର୍ଚ୍ଚ ମାସ ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ଏବଂ ନିରାପତ୍ତା ଉପକରଣର ପ୍ରଦର୍ଶନ, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଠିକା ଶ୍ରମିକମାନଙ୍କୁ ସଚେତନ କରାଯାଇଥିଲା । ଏଥିସହ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟମାନେ ସୁରକ୍ଷା ଏବଂ ସଚେତନତା ବିଷୟରେ ଆଲୋଚନା କରିଥିଲେ। ଇଫଂକୋର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ଶିଶୁ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସୁରକ୍ଷା ପ୍ରତିଯୋଗିତା ଯଥା ସୁରକ୍ଷା ସ୍ଲୋଗାନ୍, ସୁରକ୍ଷା କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ମାର୍ଚ୍ଚ ୧୧ ସୋମବାର ଦିନ ଜାତୀୟ ସୁରକ୍ଷା ସପ୍ତାହରର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ପାରାଦୀପ ଆଞ୍ଚଳିକ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା ଯୋଗଦେଇ ସୁରକ୍ଷା ସଚେତନତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସେହିପରି ଇଫଂକୋ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ ଉପସ୍ଥିତ ରହି ସୁରକ୍ଷା ଉପରେ ନିଜର ମତ ରଖିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନପିଏଫ ବରିଷ୍ଠ ସାଧାରଣ ପରିଚାଳକ ପି.ଏସ. ନୀଳାମ୍ବରନ, ଆଇଟିସର୍ଭିସ ଜିଏମ ଏନ.ଆର. ନାୟକ, ଜେଟି ଜିଏମ ଆର.କେ.ସ୍ୱାଇଁ, ଫାୟାର ଆଣ୍ଡ ସେଫଟି ସହ ପରିଚାଳକ ଏମ.ଆର.ନାୟକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।




# ବେତନଟୀ ଓକିଲ ସଂଘ ନିର୍ବାଚନରେ ପ୍ରାର୍ଥୀପତ୍ର ଦାଖଲ

ବେତନଟୀ , ୧୨/୩ (ନି.ପ୍ର): ସମଗ୍ର ରାଜ୍ୟରେ ମାର୍ଚ୍ଚ ୩୦ ତାରିଖ ରେ ବାରଏସୋସିଏନ ମାନଙ୍କ ର ନିର୍ବାଚନ ହେବାକୁ ଥିବା ବେଳେ ବେତନଟୀ ବାର ଏସୋସିଏସନର ନିର୍ବାଚନ ନିମନ୍ତେ ମାର୍ଚ୍ଚ ୧୧ଓ ୧୨ ତାରିଖ ଦୁଇଦିନ ଧରି ପ୍ରାର୍ଥୀପତ୍ର ଦାଖଲର ମଙ୍ଗଳବାର ଦିନ ଶେଷ ତାରିଖ ଥିଲା। ବିଭିନ୍ନ ପଦପଦବୀ ନିମନ୍ତେ ନିମ୍ନମତେ ପ୍ରାର୍ଥୀପତ୍ର ବାର ନିର୍ବାଚନ ଅଧିକାରୀ ଆଡଭୋକେଟ ଲମ୍ବୋଦର ନାୟକଙ୍କ ନିକଟରେ ଦାଖଲ ହୋଇଅଛି । ବାରଏସୋସିଏନ ର ସଭାପତି ନିମନ୍ତେ ଦେବବ୍ରତ ପରିଡା, ଲମ୍ବୋଦର ମହାନ୍ତ ଓ ସଚ୍ଚିଦାନନ୍ଦ ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଉପସଭାପତି ପଦବୀ ନିମନ୍ତେ ରବିନାରାୟଣ ମହାପାତ୍ର ଓ ହେମନ୍ତ କୁମାର ମହାନ୍ତ ସେହିଭଳି ସଂପାଦକ ପଦରେ ପ୍ରବୀର କୁମାର ବାରିକ ଓ ଦୀପକ କୁମାର ଖଣ୍ଡେଲୱାଲ ଓ ସହ ସଂପାଦକ ଭାବେ ଦୁଃଖିଆ ମୁର୍ମୁ, କୋଷାଧ୍ୟକ୍ଷ ମଧୁସୂଦନ ମହାନ୍ତ ଓ ମନୋଜ କୁମାର ଦଳେଇ ଏବଂ ପାଞ୍ଚଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ହରଦତ୍ତ ମହାନ୍ତ ,ଅଂଶୁମାନ ସରକାର , ସଂଜୟ କୁମାର ଭୂୟାଁ , ଧିରଜ କୁମାର ଖଣ୍ଡେଲୱାଲ , ଧିରେନ୍ଦ୍ର ବେହେରା ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି। ମାର୍ଚ୍ଚ ୧୪ ତାରିଖରେ ଯାଞ୍ଚ ହେ୍ୱ ୧୬ ତାରିଖରେ ପ୍ରତ୍ୟାହାର ପରେ ମାର୍ଚ୍ଚ୧୮ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି।

# ଗ୍ରୀଷ୍ମଋତୁରେ ଜଙ୍ଗଲରେ ଲାଗୁଥିବା ନିଆଁ ଦାଉରୁ ରକ୍ଷା ନିମନ୍ତେ ସଚେତନତା ଶିବିର

ନୀଳଗିରି , ୧୨/୩ (ନି.ପ୍ର): ଏବେଠୁଁ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଲାଣି। ଏହି ଋତୁରେ ପତ୍ରଝଡ଼ା କାରଣରୁ ଜଙ୍ଗଲରେ ବିକ୍ଷିପ୍ତ ଭାବରେ ଶୁଖିଲାପତ୍ର ପଡ଼ିଥାଏ। ଏହି ସମୟରେ ପାହାଡ଼ ଓ ଜଙ୍ଗଲ ମାନଙ୍କରେ ଅଧିକାଂଶ ସ୍ଥାନରେ ନିଆଁ ଲାଗୁଥିବା ଦେଖିବାକୁ ମିଳିଥାଏ। ଏହାର ପ୍ରଭାବରେ ବହୁ ଉପକାରୀ ଗୁଳ୍ମଲତା ପୋଡ଼ି ଛାରଖାର ହେବା ସହିତ ବନ୍ୟପ୍ରାଣୀ ମାନେ ବିପଦରେ ପଡିଥାନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଦେବାପାଇଁ ଜଙ୍ଗଲ ବିଭାଗ ତରଫରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ନୀଳଗିରି କୁଳଡିହା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୋଡିଖୁଲା ଠାରେ ମଙ୍ଗଳବାର ପୂର୍ବାହ୍ନ ୮ଟାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚଲିଙ୍ଗେଶ୍ୱର ବନପାଳ ଭାଗ୍ୟଶ୍ରୀ ଦ୍ୱିବେଦୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରଷ୍ଟମ ସେଠୀ ଯୋଗଦେଇ ସ୍ଥାନୀୟ ଆଦିବାସୀ ମାନଙ୍କୁ ଜଙ୍ଗଲ ସୁରକ୍ଷା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ କୁଳଡିହା ରେଞ୍ଜ ଅଧିକାରୀ ପ୍ରବୀର ମୁର୍ମୁ ଯୋଗଦେଇ ଆଗାମୀ ଦିନରେ ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇ ପାରିବ ସେଥିପ୍ରତି ସମୂହ ସଚେତନ ହେବାକୁ କହିଥିଲେ। ସମ୍ମାନୀତ ଅତିଥି ଭାବେ ପରିବେଶବିତ୍ ମନୋରଞ୍ଜନ ଦାସ ଆଗାମୀ ଗ୍ରୀଷ୍ମ ଋତୁରେ ଲାଗୁଥିବା ନିଆଁ କିପରି ନଲାଗିବ ଓ ଜୀବଜନ୍ତୁ ବିଶେଷ କରି ପକ୍ଷୀମାନେ ନିଆଁ ଦାଉରୁ ରକ୍ଷା ପାଇପାରିବେ ସେ ବିଷୟରେ ସବିଶେଷ ତଥ୍ୟ ରଖିଥିଲେ। ଶେଷରେ ସମିତି ସଭ୍ୟ ଭୋଳାନାଥ ମାଝୀ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ଦ୍ୱାରିକା ଜଙ୍ଗଲ କମିଟିର ସଭାପତି ଲକ୍ଷ୍ମୀଧର ସ ଙ୍କ ସମେତ କୁଳଡିହା ପାଦଦେଶରେ ବସବାସ କରୁଥିବା ଅନେକ ଅଞ୍ଚଳର ଅଧିବାସୀ ଯୋଗଦାନ କରି ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ଶପଥ ପାଠ କରିଥିଲେ।



**AFFIDAVIT**

An affidavit before the executive Magistrate Balasore, I Lakshman Mahto, aged 22 yeras, S/o- Ashok Mahto, residing At- Ward No-8, Ajnaul dih, P.O- Dalsinghsarai, Dist- Samastipur, Bihar-848114 do hereby solemnly affirm and declare that, my original name is Lakshman Mahto which has been mentioned in all my identity and residential proof cards like, Aadhar Card, Pan Card, Bank Pass book and other relevant documents. But my nick name is Lachaman Mahanta which has been worngly mentioned in my LIC Policy bond bearing No. 583631212. So both Lakshman Mahto and Lachaman Mahanta is one and same person. Henceforth I will be known as Lachaman Mahanta in all purpose.

**Lachaman Mahanta**

**Gazette Publication**
**COURT NOTICE**
**In the court of Principal District Judge Seraikella-Kharswan, at Seraikella**
**Civil Appeal 02/2023**

**Purushottam Khandelwal .....................Appellant**
**- VRS -**
**Rajesh Khandelwal and others............ Respondents**

To
14. Kaushalya Devi, W/o. Late Hazarimall Khandelwal resident of Bangriposi, P.O. Bangriposi, District. Mayurbhanj, Odisha. PIN - 757032.

Whereas a civil appeal from the Judgement passed in Title Partition Suit 43/14 dated 29.11.2022 and Decree signed on 12.12.2022 of the Civil Judge II (Senior Division), at Saraikella in this case has been presented by the appellant and registered in this court in spite of notices served through registered post as well from Nazarat but you did not appear in court. You are hereby directed to appear before the court on this the 08th day of April 2024 at 7:30AM O'clock. If no appearance is made on your behalf by yourself, your pleader or by someone by law authorised to act for you in this appeal, it will be heard and decided in your absence.
Given under my hand and seal of this court this the 04th day of March 2024.

Principal District Judge
at Saraikella.

**AFFIDAVIT**

An affidavit before the Notary Public, Niligiri, I Sri Bhabani Sankar Jena, S/o. Prafulla Chandra Jena, Village- Kadamsahi Samil Nizgarh, P.O. - Raj-Nilgiri, P.S- Nilgiri, Dist. Balasore do hereby solemnly affirm and declare that, My mother name Late. Manorama Jena was purchased the land from Pramilla Biswal through sell deed vide No. 509 on dtd. 25.03.1987, vide Khata No. 616. Mouza- Nizgarh, Thana No. 67, Plot No. 2220 of an Area A0.03 dec. and another plot No. 2221 of and Area A0.02 dec. But the above sell deed vide No. 509 has been lost by white ant fully. After death of my mother Lt. Manorama Jena the OLR case No. 52/08 u/s 8 (A) the above landed property transfer in the name of her son Bhabani Sankar Jena, S/o. Prafulla Chandra Jena, Village- Kadamasahi Samil Nizgarh vide khata No. 5883/168, Plot No. 2220/2602 of an Area A0.02 dec. and another plot 2220/2604 of an area A0.03 dec. So the above the declaration is true to the best of my knowledge.

**Bhabani Sankar Jena**

# ଅନ୍ତରା ମହୋତ୍ସବର ଦ୍ୱିତୀୟ ସଂଧ୍ୟା: ଦର୍ଶକଙ୍କ ମନମୋହିଲା ଗୁଲୁଆ ଓ ନାଲିଆମ୍ବଙ୍କ କମେଡି

ଖଇରା, ୧୨/୩ (ନି.ପ୍ର): ଖଇରା ବ୍ଲକର ଅନ୍ତରା ସ୍କୁଲ ପଡିଆରେ ଅନ୍ତରା ମହୋତ୍ସବ ରବିବାର ଦିନ ଉଦଘାଟିତ ହୋଇ ଯାଇଛି । ସୋମବାରର ଦ୍ୱିତୀୟ ସଂଧ୍ୟାରେ ହାସ୍ୟ ଅଭିନେତା ଗୁଲୁଆ ଓ ନାଲିଆମ୍ବଙ୍କ ଭରପୁର ମନୋରଞ୍ଜନରେ ଦର୍ଶକଙ୍କୁ ହସି ହସି ବେଦମ ହେବାକୁ ପଡିଥିଲା । ଏଥିସହ କଟକ ତୁଳସୀପୁରରୁ ଆସିଥିବା ଅନନ୍ୟା ମେଲୋଡିର ସୁନାମଧନ୍ୟ କଳାକାରଙ୍କ ସଙ୍ଗୀତର ମୂର୍ଚ୍ଛନା ଦର୍ଶକଙ୍କୁ ବିମୋହିତ କରିଥିଲା । ଏହି ଅବସରରେ ମହୋତ୍ସବ କମିଟିର ସଭାପତି ତ୍ରିଲୋଚନ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ଟାଣୁଆ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବ ବଞ୍ଚିବା ପାଇଁ ଆନନ୍ଦର ସଞ୍ଜିବନି ଯୋଗାଇଥାଏ ବୋଲି କହିଥିଲା । ଅନ୍ତରା-ମହତୀପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହୋତ୍ସବ ନିଜ ମାଟିର ସଂସ୍କୃତିକୁ ବଳିଷ୍ଠ କରିଥାଏ ବୋଲି କହିଥିଲେ । ବ୍ଲକ କଂଗ୍ରେସ ସଭାପତି ଶରତ କୁମାର ଦାସ,ଭାଗିରଥି ମହାପାତ୍ର,ସ୍ଥାନୀୟ ସରପଞ୍ଚ ରଶ୍ମିତା ଯେନା,କମିଟି ସମ୍ପାଦକ ଜ୍ୟୋତି ରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବସନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଦେବେନ୍ଦ୍ର ପଲେଇ ଓ ସଞ୍ଜିତ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଶ୍ୟାମସୁନ୍ଦର ପଲେଇ,ରଶ୍ମିରଞ୍ଜନ ମହାପାତ୍ର,ମାୟାଧର ଜେନା,ସୁବାଷ ଜେନା,ଅଶୋକ ଯେନା,ଆନନ୍ଦ ବେହେରା,କିଶୋର ସେଠୀ,ଶ୍ୟାମସୁନ୍ଦର ଜେନା ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି ରବିବାର ଦିନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ସମବାୟ ସମିତି ସମ୍ପାଦକ ବିକାଶ କୁମାର ନାୟକ,ସମିତିସଭ୍ୟା ସବିତାରାଣୀ ପଣ୍ଡା,ଚିତ୍ରକର ପ୍ରଭାତ କୁମାର ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।



ବୁଧବାର, ମାର୍ଚ୍ଚ ୧୩, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଶ୍ରୀବିଦ୍ୟା ଶୁଭଦର୍ଶନୀଙ୍କ ଚତୁର୍ଥ ବାର୍ଷିକ ସ୍ମୃତି ଦିବସ : ରକ୍ତ ଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ



ଉଦଳା , ୧୨/୩ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ କଇଁସାରି ଗ୍ରାମର ବାସିନ୍ଦା ଦୋଳମଣି ପୁହାଣ ଓ ସୁଭଦ୍ରା ରାଉତଙ୍କ ଏକମାତ୍ର କନ୍ୟା ଶ୍ରୀବିଦ୍ୟା ଶୁଭଦର୍ଶନି (ରେନି) ଆଜକୁ ୪ ବର୍ଷ ତେଳ ମାର୍ଚ୍ଚ ୧୨ ତାରିଖ ଦିନ ଏକ ସଡ଼କ ଦୁର୍ଘଟଣାରେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇ ଯାଇଛନ୍ତି । ତାଙ୍କର ସ୍ମୃତି ଉଦେଶ୍ୟେର ପ୍ରତିବର୍ଷ ଠିକ୍ ଏହିଦିନେର ଗ୍ରାମେର ଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟର ମିଳିତ ଉଦ୍ୟମେର ରକ୍ତଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ତେବେ ଆଜି ଅନୁଷ୍ଠିତ ଶିବିରେର ୬୦ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ଶତାଧିକ ବ୍ୟକ୍ତିଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବିତରଣ କରାଯାଇଛି । ଶ୍ରୀବିଦ୍ୟା ଜେଣ ମେଧାବି ଛାତ୍ରି ଥିବା ବେଳେ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିକୁ ଏକାକି ମୁକାବିଲା କରିପାରୁଥିଲେ । ଏପରିକି ସେ କୌଣସି ପୁରୁଷ ଲୋକର ସହେଯାଗ ନେନଇ ଭାରତବର୍ଷର ସମସ୍ତ ରାଜ୍ୟକୁ ଏକାକି ଯାତାୟତ କରିପାରୁଥିଲେ । ସେଥିପାଇଁ ସେ ଅନ୍ୟ ମହିଳା ମାନଙ୍କ ପାଇଁ ଉଦାହରଣ ପାଲଟିଥିଲେ । ଆଜିର ଏହି କାର୍ଯ୍ୟକ୍ରମେର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କପ୍ତିପଦାର ପ୍ରକଳ୍ପ ପ୍ରଶାସକ ନେରନ୍ଦ୍ର ଖମାରି, ଉପଖଣ୍ଡ ଆରକ୍ଷି ଅଧିକ୍ଷକ ସାର୍ଥକ ରାୟ, ଚିନ୍ମୟ ମିଶନର ବ୍ରହ୍ମଚାରି ଅଚ୍ୟୁତ ଚୈତନ୍ୟ ପ୍ରମୁଖ ଅତିଥି ଭାବେର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିବା ସହ ଟ୍ରଷ୍ଟର ଏହିଭଳି ଏକ ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ ।

## ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ




ଲଙ୍ଗଳେଶ୍ୱର , ୧୨/୩ (ନି.ପ୍ର): ସୁବର୍ଣ୍ଣରେଖା ବନ୍ଦର ତରଫରୁ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ବାଲିଆପାଳ ଶାରୀରିକ ମହାବିଦ୍ୟାଳୟ ପରିସର ରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି ।ଟାଟା ଷ୍ଟିଲ ଫାଉଣ୍ଡେସନ ବାଲେଶ୍ୱର ମୁଖ୍ୟ ଶ୍ରୀଯୁକ୍ତ ପ୍ରମୋଦ କୁମାର ପାତ୍ର ଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବାଲିଆପାଳ ସି ଡି ପି ଓ ମିନତୀ କୁମାରୀ ମିଶ୍ର,କୃଷି ବିଜ୍ଞାନ ମୁଖ୍ୟ ଡ଼ ସ୍ୱାଗତିକା ସାହୁ, ବି ଏ ଓ ବାଲିଆପାଳ ରଞ୍ଜିତା ପାତ୍ର, ବି ଏ ଓ ବସ୍ତା ଶ୍ରଦ୍ଧା ହୋତା, ବି ଏଲ୍ ଏଫ୍ ଓ ସଭାପତି ମାୟା ରାଣୀ ଚକ୍ରବର୍ତ୍ତୀ ବି ଏଲ ଏଫ୍ ଓ ସମ୍ପାଦିକା ସୁଷମା ଦତ୍ତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଉଭୟ ବସ୍ତା ବାଲିଆପାଳ ବ୍ଲକ ର ୧୬୨ ଜଣ ମହିଳା ଯୋଗ ଦେଇଥିଲେ। ଅତିଥି ମାନେ ମହିଳା ମାନଙ୍କୁ ନିଜ ଉଦବୋଧନ ମାଧ୍ୟମ ରେ ଉତ୍ସାହିତ କରିଥିଲେ । ସଙ୍ଗୀତ ଏବଂ ନାଚ ସହିତ ମ୍ୟୁଜିକ୍ ଚେୟାର, ସ୍ପୋନ ପଟାଟୋ ଏବଂ ବାସ୍କେଟ୍ ବଲ୍ ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେଥିରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା ମହିଳା ମାନଙ୍କୁ ପୁରସ୍କୃତ କରଯାଇଥିଲା।

## ବିଶ୍ୱ କଳା ମୋତିଆ ବିନ୍ଦୁ ଦିବସ ପାଳିତ

ଭଦ୍ରକ, ୧୨/୩ (ନି.ପ୍ର): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କଳା ମୋତିଆ ବିନ୍ଦୁ ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ଟି ଡାକ୍ତର ସନ୍ତୋଷ କୁମାର ପାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ରୋଗକୁ ତୁରନ୍ତ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରି ଚିକିତ୍ସା କଲେ ଏହା ଭଲ ହୋଇଥାଏ। ତେଣୁ ଜନ ସାଧାରଣଙ୍କ ର ସଚେତନତା ପାଇଁ ଗୋଷ୍ଠୀ ଚିକିତ୍ସା ଅଧିକାରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରି ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ବିଜୟୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାକ୍ତର କନକଲତା ସାହୁ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ଡାକ୍ତର ଆର୍ କେ ସାହୁ ଚକ୍ଷୁ ବିଶେଷଜ୍ଞ ସହଯୋଗ କରି ଥିଲେ। ଡାକ୍ତର ସନ୍ତୋଷ କୁମାର ଜେନା ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡାକ୍ତର ସୌଦାମିନୀ ଧଳ ସ୍ତ୍ରୀ ରୋଗ



ବିଶେଷଜ୍ଞ ଯୋଗଦେଇ ସେମାନଙ୍କର ବହୁ ମୂଲ୍ୟ ମତବ୍ୟକ୍ତ କରିଥିଲେ ଆଶା ମେନେଜର, କଳ୍ପନା ସାମଲ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସରୋଜ କୁମାର ଦୀକ୍ଷିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନିରାଶ୍ରୟ ବୃଦ୍ଧାକୁ ସହାୟତାର ହାତ ବଢାଇଲେ ଯୁବ ସ୍ୱେଚ୍ଛାସେବୀ



ନିଳଗିରି, ୧୨/୩ (ନି.ପ୍ର): ଆଜିର ସମାଜରେ ଅନେକ ସମୟରେ ନିସହାୟ ବୃଦ୍ଧ, ବୃଦ୍ଧା ବେସାହାରା ହୋଇ ଏଣେ ତେଣେ ବୁଲୁଥିବାର ଅନେକ ନଜିର ଦେଖିବାକୁ ମିଳିଥାଏ। ତେବେ ସମାଜରେ ଅନେକ ସମୟରେ କିଛି ସହୃଦୟବାନ ଓ ମାନବିକତା ଥିବା ମଣିଷ ନିଜର ମଣିଷପଣିଆରେ ସହାୟତାର ହାତ ବଢାଇଥାଏ। ସେହିଭଳି ଆଜି ନିଳଗିରି ସହରରେ ଏକ ଅସହାୟ ବୃଦ୍ଧା ଟାଣ ଖରାରେ ନିଳଗିରି ମାଉସୀ ମା ମନ୍ଦିର ନିକଟରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଶହଶହ ଲୋକ ବୃଦ୍ଧାକୁ ଦେଖି ମୁହଁ ବୁଲାଇ ଚାଲି ଯାଉଥିବା ବେଳେ ବୃଦ୍ଧାର ଏପରି ଅବସ୍ଥା ଦେଖି ନୀଳଗିରିର କିଛି ଯୁବବନ୍ଧୁ ବୃଦ୍ଧା ଜନକୁ ଖାଇବାକୁ ଦେଇଥିବା ବେଳେ ତାଙ୍କୁ ନିଜ କାରରେ ବସାଇ ଭୁଇପଡ଼ା ସ୍ଥିତ ବୃଦ୍ଧାଶ୍ରମରେ ଛାଡିଛନ୍ତି। ତେବେ ମହିଳା ଜଣକ ବାଲେଶ୍ୱର କୁରୁଡା ଅଞ୍ଚଳର ସୀତା ମହାଳିକ ବୋଲି ଶୁଣିବାକୁ ମିଳିଛି। ଯୁବକ ବାବୁଲି ରାଉତ, ପ୍ରଫୁଲ୍ଲ ପରିଡ଼ା, ଆଇନଜିବୀ କରୁଣାକର ସ୍ୱାଇଁ, ଟେରୁ ସ୍ୱାଇଁଙ୍କ ଏଭଳି ମହନୀୟ କାର୍ଯ୍ୟ ପାଇଁ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

## ଯୁବ ବ୍ୟବସାୟୀଙ୍କ ପରଲୋକ: ଶୋକାକୁଳ ପରିବେଶ ସହ ୧୨ ଘଣ୍ଟା ଧରି ପଣସିଆ ବଜାର ବନ୍ଦ

ବେତନଟୀ, ୧୨/୩ (ନି.ପ୍ର): ଗତକାଲି ରାତି ପ୍ରାୟ ୯ଟା ସମୟରେ ବେତନଟୀ ବ୍ଲକ ଅଧୀନ ପଣସିଆ ଅଞ୍ଚଳର ସୁରେଶ ଚନ୍ଦ୍ର ପରିଡାଙ୍କ ଦେହାନ୍ତ ଘଟିଛି ଓ ସେ ଦୀର୍ଘ ୧ମାସ ଧରି ଲିଭର ଜନିତ ରୋଗରେ ପୀଡିତ ଥିଲେ ଓ ତାଙ୍କର ଅସୁସ୍ଥତା ଦେଖି ତାଙ୍କ ବାପା ୧ମାସ ପୂର୍ବେ ହୃଦଘାତରେ ପ୍ରାଣ ହରାଇଥିଲ ଓ ବାପାଙ୍କ ମୃତ୍ୟୁକୁ ୧ ମାସ ନପୁରୁଣୁ ପୁଅର ମୃତ୍ୟୁ ଘଟଣା ତାଙ୍କ ପରିବାର ଲୋକ ତଥା ଆତ୍ମୀୟସ୍ୱଜନଙ୍କୁ ଗଭୀର ଆଘାତ ଦେଇଛି ଓ ତାଙ୍କ ମୃତ୍ୟୁ ଖବର ପାଇବା ପରେ ପଣସିଆ ତଥା ଆଖପାଖ ଅଞ୍ଚଳର ବ୍ୟବସାୟୀ, ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିଲା ଓ ସୁରେଶ ପେସାରେ ଜଣେ ବ୍ୟବସାୟୀ ଓ ପଣସିଆ ବଜାରରେ ତାଙ୍କର ପରିଡା ଷ୍ଟୋର ନାମକ ଏକ ଲୁହା ଦୋକାନ ଅଛି ଓ ସେ ପେଶାରେ ବ୍ୟବସାୟୀ ହୋଇଥିଲେ ସୁଦ୍ଧା ନିଶା ତାଙ୍କର ମାନବ ସେବା ଓ ମାନସିକ ରୋଗଗ୍ରସ୍ତ କିମ୍ବା ଅସହାୟ ନିରାଶ୍ରୟ ଲୋକକୁ ଦେଖିବା କ୍ଷଣି ତାଙ୍କୁ ଗାଧୋଇ ପରିଷ୍କାର କରାଇ ନୂଆ ବସ୍ତ୍ର ସହ ପେଟପୁରା ଖାଇବାକୁ ଦେଇ ସେମାନଙ୍କୁ ସେମାନଙ୍କ ଘର ପର୍ଯ୍ୟନ୍ତ ମଧ୍ୟ ପହଞ୍ଚାଇ ଦିଅନ୍ତି ଓ ତାଙ୍କର ଏହି ନିସ୍ୱାର୍ଥପର ସାହାର୍ଯ୍ୟ ଯୋଗୁଁ ସେ ଜନମାନସରେ ବେଶ ଆଦୃତ ହୋଇପାରିଥିଲେ ଓ ତାଙ୍କର ଅନ୍ୟମାନଙ୍କ ପ୍ରତି ଭଲପାଇବା ଏବଂ ଆଚାର ବ୍ୟବହାର ଯୋଗୁଁ ସେ ବେଶ ଲୋକପ୍ରିୟ ଥିଲେ ଓ ଆଜି ଭୋର ସମୟରେ ତାଙ୍କ ମରଶରୀର ତାଙ୍କର ପଣସିଆସ୍ଥିତ ବାସଭବନରେ ପହଂଚିବା ପରେ ଶତାଧିକ ଲୋକ ତାଙ୍କ ଅନ୍ତିମ ଦର୍ଶନ ପାଇଁ ଜମା ହୋଇଥିଲେ ଓ ଆଜି ସକାଳୁ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ଓ ପୁଅ ସୌଭାଗ୍ୟ ପରିଡା ମୁଖାଗ୍ନି



ଦେଇଥିଲେ ଓ ଅନ୍ତିମ ସମୟରେ ତାଙ୍କ ପତ୍ନୀ ଜୟନ୍ତୀ ପରିଡା, ଝିଅ ମାମୁନି ପରିଡା, ଭାଇ ସଞ୍ଜୟ ଏବଂ ସୁଜୟ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ ଓ ସନ୍ଧ୍ୟାରେ ପଣସିଆ ବଜାର କମିଟିର ସଭାପତି ବ୍ରଜକୁମାର ଦାସଙ୍କ ଆବାହନ କ୍ରମେ ଏକ ଶୋକସଭା ଆୟୋଜିତ ହୋଇଥିଲା ଓ ଏଥିରେ ରଘୁପୁର ପଞ୍ଚାୟତର ସରପଞ୍ଚ, ବହୁ ମାନଗଣ୍ୟ ବ୍ୟକ୍ତିଙ୍କ ସମେତ ସମିତିସଭ୍ୟ ଶଶୀକାନ୍ତ ଦାସ,ପଣସିଆ ବଜାର କମିଟିର ସଦସ୍ୟ କମଳାକାନ୍ତ ଦାସ, ଦିଲ୍ଲୀପ ସାହୁ, ମନ୍ମଥ ପ୍ରମାଣିକ, ଧୀରେନ୍ଦ୍ର ନାଥ, ରଘୁନାଥ ପରିଡା ଏବଂ ଅନ୍ୟମାନେ ଯୋଗ ଦେଇଥିଲେ ଓ ପରେ ବଜାରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା ।

## ମାଷ୍ଟର ଟ୍ରେନର ଓ ସେକ୍ଟର ଅଫିସର ମାନଙ୍କ ପାଇଁ ନିର୍ବାଚନୀ ତାଲିମ୍

ଭଦ୍ରକ, ୧୨/୩ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ଅବସରରେ ନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ନିୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ଓ ନିର୍ବାଚନ ମଣ୍ଡଳୀ ସ୍ତରୀୟ ମାଷ୍ଟର ଟ୍ରେନର ଓ ସେକ୍ଟର ଅଫିସର ମାନଙ୍କ ପାଇଁ ଏକ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶହୀଦ ସ୍ମୃତି ଭବନ ସମ୍ମିଳନୀ କକ୍ଷରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜାତୀୟ ସ୍ତରର ମାଷ୍ଟର ଟ୍ରେନର ଭାବେ ଡି.ଟି.ଇ.ଟି ର ଯୁଗ୍ମ ନିର୍ଦ୍ଦେଶିକା ସଂଜିବିତା ରାୟ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ଗଡ଼ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଉପସ୍ଥିତ ପ୍ରଶିକ୍ଷାର୍ଥୀ ସମସ୍ତ ମାଷ୍ଟର ଟ୍ରେନର ଓ ସେକ୍ଟର ଅଫିସରମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ନିର୍ବାଚନ ଆୟୋଗ ତରଫରୁ ଆଗାମୀ ସାଧାରଣ ନିର୍ବାଚନରେ ଶୂନ ପୁନଃମତଦାନ ଉପରେ ପ୍ରାଧାନ୍ୟ ଦିଆଯାଉଥିବାରୁ ଏ ନେଇ ନିଶ୍ଚିତତା ପ୍ରତିପାଦନ ଦିଗରେ ଯତ୍ନବାନ୍ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ପ୍ରଶିକ୍ଷାର୍ଥୀ ଭାବେ ଉପସ୍ଥିତ ସମସ୍ତ ମାଷ୍ଟରଟ୍ରେନର, ସେକ୍ଟର ଅଫିସର, ବି.ଡ଼ି..ଓ. ତହସିଲଦାର ଆଦି ସମସ୍ତେ ନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ଠିକ୍ ଭାବେ ସବୁ ଜାଣିଲେ ପ୍ରିଜାଇଡ଼ିଂ ଏବଂ ପୋଲିଂ ଅଧିକାରୀ ମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରଦାନ କରିପାରିବେ ବୋଲି ସେ କହିଥିଲେ। ଭୁବନେଶ୍ୱରରୁ ଆସିଥିବା ଜାତୀୟ ସ୍ତରର ମାଷ୍ଟର ଟ୍ରେନର ଶ୍ରୀମତୀ ରାୟ ନିର୍ବାଚନୀ କାର୍ଯ୍ୟ ପରିଚାଳନାରେ ପ୍ରାର୍ଥୀପତ୍ର ଦାଖଲ ଠାରୁ ଆରମ୍ଭ କରି ଫଳାଫଳ ଘୋଷଣା ଓ ଇଲେକ୍ସନ ସାର୍ଟିଫିକେଟ୍ ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ବିଷୟକୁ ଫୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ବିଶେଷକରି ପୋଲିଂ ପାର୍ଟି ଗଠନ, ମତଦାନ କେନ୍ଦ୍ରରେ ମତଦାନ କାର୍ଯ୍ୟ ପରିଚାଳନା, ଇଭିଏମ୍ ର ପରିଚାଳନା, ଆବଶ୍ୟକ ସମସ୍ତ ପ୍ରକାର ଫର୍ମର ଉପଯୋଗ ତରିକା, ମତଦାନ କେନ୍ଦ୍ରରେ ୱେବ୍ କାଷ୍ଟିଂ ବ୍ୟବସ୍ଥା, ଡାକ ଭୋଟ ପ୍ରକ୍ରିୟା, ପୋଲିଂ ଏଜେଣ୍ଟ ବ୍ୟବସ୍ଥା ଓ ପରିଚାଳନା, ପୋଲିଂ ପାର୍ଟିରେ ଥିବା ପ୍ରିଜାଇଡ଼ିଂ ଓ ଅନ୍ୟ ୫ ଜଣ ପୋଲିଂ ଅଧିକାରୀ ମାନଙ୍କର କାର୍ଯ୍ୟ ଓ ଦାୟିତ୍ୱ, ମକ୍‌ପୋଲ ପ୍ରଣାଳୀ, ଇ.ଭି.ଏମ୍. ରେ ତ୍ରୁଟି ଦେଖାଦେଲେ କି ବ୍ୟାଟେରୀରୁ ଚାର୍ଜ କମିଗଲେ ବଦଳ କରାଯିବା ପ୍ରକ୍ରିୟା, ଡିସ୍‌ବର୍ସାଲ ସେଣ୍ଟର ପରିଚାଳନା ଆଦି ନିର୍ବାଚନୀ ପରିଚାଳନା କାର୍ଯ୍ୟ ସମ୍ପର୍କିତ ବିଭିନ୍ନ ବିଷୟରେ ପ୍ରଶ୍ନୋତ୍ତର ଜରିଆରେ ସେ ତାଲିମ୍ ପ୍ରଦାନ କରିଥିଲେ। ଇଭିଏମ୍. ର କଣ୍ଟ୍ରୋଲ ୟୁନିଟ୍, ବ୍ୟାଲଟ ୟୁନିଟ୍ ଓ ଭିଭିପାଟ ର କାର୍ଯ୍ୟକାରୀତା ନେଇ ପ୍ରତ୍ୟକ୍ଷ ଭାବେ ପ୍ରଦର୍ଶନ କରାଇ ବୁଝାଇଥିଲେ। ଏଥର ନିର୍ବାଚନ ପରିଚାଳନାରେ ନୂତନ ଭାବେ ପ୍ରଚଳିତ ହେବାକୁ ଥିବା ବିଧି ବିଧାନ ବିଷୟରେ ମଧ୍ୟ ସେ କହିଥିଲେ। ସୂଚନା ଯୋଗ୍ୟ କି ଆଗରୁ କେବଳ ପ୍ରିଜାଇଡ଼ିଂ ଅଫିସର ଏବଂ ପ୍ରଥମ ପୋଲିଂ ଅଧିକାରୀ ତାଲିମ୍ ନେଉଥିଲେ କିନ୍ତୁ ଏଥର ସମସ୍ତ ୫ ଜଣ ଯାକ ପୋଲିଂ ଅଧିକାରୀ ତାଲିମ୍ ନେବେ। ବ୍ୟାଟେରୀ ଚାର୍ଜ ସରିଗଲେ ଆଗଭଳି ଆଉ.ସି.ୟୁ. ବଦଳାଇବାକୁ ପଡ଼ିବ ନାହିଁ। କେବଳ ବ୍ୟାଟେରୀ ବଦଳାଯାଇ ପାରିବ। ବ୍ୟାଟେରୀରେ ଚାର୍ଜ କମିଲେ ପୂର୍ବରୁ ହାଇ କିମ୍ବା ଲୋ ପ୍ରଦର୍ଶିତ ହେଉଥିଲା ବେଳେ ଏଥର ଶତକଡ଼ା ହାରରେ ପ୍ରଦର୍ଶିତ ହେବ। ଡେପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ବିଭାଗୀୟ କର୍ମଚାରୀ ନବୀନ ଚନ୍ଦ୍ର ସେନାପତି, ଓ.ଏସ୍.ଡ଼ି ତାଜଉଦ୍ଦିନ୍, ଆବୁଫେଜ୍ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ

ବାସୁଦେବପୁର, ୧୨/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଦ୍ମୁଆଁ ପଞ୍ଚାୟତର ମୋହନପୁର ଠାରେ ନୂତନ ଭାବେ ଶ୍ରୀ ଶ୍ରୀ ଜଗନ୍ନାଥ, ବଳଭଦ୍ର, ଓ ସୁଭଦ୍ରାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ପବିତ୍ର ମାଟି ଓ ପବିତ୍ର ସ୍ଥାନ ତଥା ପୁଣ୍ୟପିଠ ରେ ଦିବ୍ୟ ଓ ଭାବ ମୟ ପରିବେଶ ଓ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ମନ୍ଦିରର ପ୍ରତିଷ୍ଠାତା ହେଉଛନ୍ତି ଭାରତ ସରକାରଙ୍କ ପୂର୍ବତନ ଜିଏସଟି କମିଶନର ବିଜୟ ମଲିକ । ଏହି ଉତ୍ସବରେ ପ୍ରତିଷ୍ଠାତା ବିଜୟ ମଲିକ, ଶ୍ରୀ ମଲିକ ଙ୍କ ପୁତ୍ର କନ୍ୟା ପତ୍ନୀ , ବ୍ରାହ୍ମଣ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ । ଏଥି ସହିତ ବାସୁଦେବପୁର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ,ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ସଞ୍ଜୀବ କୁମାର ସାହୁ,ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ଶିକ୍ଷାବିତ୍ ଦୁଃଶାସନ



ରାଉତ,ସମାଜସେବୀ ପ୍ରଭାତ ବିଶ୍ୱାଳ, ଶିଳ୍ପପତି ମହେଶ ଦାସ, ଇଞ୍ଜିନିୟର ଶୁଭେନ୍ଦୁ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ମହାପ୍ରଭୁ ଶ୍ରଜଗନ୍ନାଥଙ୍କ ପୁଣ୍ୟ ପୀଠ ପୁରୀ ଶ୍ରୀକ୍ଷେତ୍ରରୁ କର୍ମକାଣ୍ଡ ଅଧ୍ୟୟନ କରୁଥିବା ଆଚାର୍ଯ୍ୟ ବନ୍ଧୁ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବକୁ ଆସିଥିଲେ । ଏହି ଅବସରରେ ଠାକୁରଙ୍କ ନୀତି କାନ୍ତି, ପୂଜା ପଦ୍ଧତି, ଯଜ୍ଞ କାର୍ଯ୍ୟ ଓ ପୂର୍ଣ୍ଣା ହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପ୍ରଥମ ଥର ପାଇଁ ରତ୍ନ ସିଂହାସନ ରେ ରାଜା ରାଜେଶ୍ୱର୍ ବେଶ୍ ରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଭକ୍ତ ମାନେ ଦର୍ଶନ କରିଥିଲେ । ହଜାର ହଜାର ଭକ୍ତ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବ ରେ ଯୋଗ ଦେଇଥିଲେ । ଜୟ ଜଗନ୍ନାଥ ଧ୍ୱନି ରେ ଏହି ସୁନ୍ଦର ଓ ଆଧାତ୍ମିକ ପରିବେଶ ରେ ସମସ୍ତ ଭକ୍ତ ମନ୍ତ୍ର ମୁଗ୍ଧ ହୋଇଥିଲେ ।

## ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କଲା ବେତନଟୀ ପୁଲିସ

ବେତନଟୀ , ୧୨/୩ (ନି.ପ୍ର): ବେତନଟୀ ପୁଲିସ୍ ପକ୍ଷରୁ ଥାନା ପରିସରରେ ବରିଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ ପାଇଁ ଏକ ବୈଠକ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବେତନଟୀ ଥାନା ଅଞ୍ଚଳର ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ। ବେତନଟୀ ଥାନା ଅଧିକାରୀଣି ସସ୍ମିତା ମହାନ୍ତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ନାଗରିକ ସଂଘ ର ସଭାପତି ହିମାଂଶୁ ପରିଡା, ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ସଦସ୍ୟ ପ୍ରକାଶ ବେହେରା ପ୍ରମୁଖ ମଞ୍ଚାସୀନ ରହି ବରିଷ୍ଠ ନାଗରିକ ମାନେ ଭୋଗୁଥିବା ସମସ୍ୟା ବାବଦରେ ଆଲୋଚନା କରିଥିଲେ । ଶେଷରେ ବେତନଟୀ ପୁଲିସ ପକ୍ଷରୁ ଥାନା ଅଞ୍ଚଳର ୧୦୦ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବେତନଟୀ ଥାନା ର ସମସ୍ତ କର୍ମଚାରୀ ଓ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## ପାନୀୟ ଜଳରୁ ବଞ୍ଚିତ ୨୫୦ଓ ପରିବାର: ରାଉତପଡାରେ ମହିଳାଙ୍କ ରାସ୍ତାରୋକ ଆନ୍ଦୋଳନ



ବସ୍ତା, ୧୨/୩ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ରାଉତପଡା ପଞ୍ଚାୟତରେ ମଙ୍ଗଳବାର ଉତ୍ତେଜନା ଦେଖାଦେଇଛି। ୨୫୦ପରିବାର ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବାରୁ ପମ୍ପ ଘରେ ତାଲା ପକାଇ ଶତାଧିକ ମହିଳା ରାଉତପଡା -ନୂଆଗାଁ ଓ କଟିପୋଲ ରାସ୍ତାରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ । ବିଭାଗୀୟ ଜେଇ ବିନୋଦ ଦାସ ଓ ରୂପସା ଥାନାଧିକାରୀ ସଚ୍ଚିଦାନନ୍ଦ ଗିରି, ଏଏସଆଇ ଉତ୍ତମ କୁମାର ସିଂ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ସହ ଖୁବ ଶୀଘ୍ର ନୂତନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ଜେଇ ଦାସ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ରାଉତପଡା ପଞ୍ଚାୟତର ବେହେରା ସାହି, ଦଳେଇ ସାହି ଓ ବାରିକ ସାହିରେ ପ୍ରାୟ ୨୫୦ ପରିବାର ବାସ କରନ୍ତି । ଏଠାରେ ଥିବା ୩ -ଟି ସରକାରୀ ଟ୍ୟୁବୱେଲ ଏବେ ଅଚଳ ହୋଇ ପଡିଛି । ଆରଡବ୍ଲୁଏସଏସ ବିଭାଗ ଦ୍ୱାରା ଥିବା ପାନୀୟ ଜଳ ପ୍ରକଳ୍ପରୁ ଏହି ତିନି ସାହିର ଲୋକେ ପାଣି ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି । ବସୁଧା ଯୋଜନାରେ ନୂତନ ଭାବେ ହୋଇଥିବା ପ୍ରକଳ୍ପ ଏଯାବତ କାର୍ଯ୍ୟକ୍ଷମ ହୋଇନଥିବାରୁ ଲୋକେ ପାଣି ପାଇ ପାରୁନାହାନ୍ତି । ବାରମ୍ବାର ଅଭିଯୋଗ ପରେ ପଞ୍ଚାୟତ ଏବଂ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଗ୍ରାମବାସୀ ଗୌରାଙ୍ଗ ଦଳେଇ, ଶ୍ରୀନିବାସ ରାଉତ, ଏକାଦଶୀ ଦଳେଇଙ୍କ ନେତୃତ୍ୱରେ ମଧୁମିତା ଦଳେଇ, ଚୁମକି ଦଳେଇ, ମିନତୀ ଦଳେଇ, ଲକ୍ଷ୍ମୀପ୍ରିୟା ପ୍ରଧାନ, କାବେରୀ ଦଳେଇ, ରୀନା ଦଳେଇ, ସନ୍ଧ୍ୟା ଦଳେଇ, ଜ୍ୟୋସ୍ନା ଦଳେଇ ଜାନକୀ ଦଳେଇଙ୍କ ସମେତ ଶତାଧିକ ମହିଳା ରାସ୍ତାରୋକ ଆନ୍ଦୋଳନ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo